Bhubaneswar- 28 June 2026
ଭୁବନେଶ୍ୱର- ୨୮ ଜୁନ୍ ୨୦୨୬
Vol- 1 Issue - 62
ଭାଗ- ୧ ସଂଖ୍ୟା- ୬୨
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

### ସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

## ୧୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

### ୭୯ ପ୍ଲାଟୁନ ଫୋର୍ସ ହେବେ ମୃତୟନ



**ପୁରୀ :** ସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି । ଶ୍ରୀମନ୍ଦିରରେ ଆଜି(ଶନିବାର) ରାତି ସାଢ଼େ ଦଶଟାରୁ ଆସନ୍ତାକାଲି ଦିନ ଗୋଟାଏ ପର୍ଯ୍ୟନ୍ତ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ ବନ୍ଦ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆ ଯାଇଛି ଏହି ସୂଚନା ଦିଆଯାଇଛି । ବିଶେଷ ନୀତିକାନ୍ତି ପାଇଁ କଟକଣା ଜାରି ହୋଇଛି । ଏଥିସହ ସୁରକ୍ଷାବ୍ୟବସ୍ଥା ଓ ରୁଟ୍ ଲାଇନକୁ ସୁରକ୍ଷିତ କରାଯାଇଛି । ଜ୍ୟେଷ୍ଠ ଶୁଦ୍ଧ ଶୁକ୍ଳ ପୂର୍ଣ୍ଣିମା ଅର୍ଥାତ୍ ସୋମବାର ସ୍ନାନପୂର୍ଣ୍ଣିମା ନିମନ୍ତେ ପୁରୀରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ବ୍ୟାପକ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ପାର୍କିଂ ନିମନ୍ତେ ଫାଷ୍ଟ କମ୍ ଫାଷ୍ଟ୍ ସର୍ଭ, ଅର୍ଥାତ୍ ପ୍ରଥମେ ଆସିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାନ ମିଳିବ। ପୁଲିସ ପକ୍ଷରୁ ଜାରି କରାଯାଇଥିବା ସୂଚନାନୁସାରେ, ଦୁଇ ଚକିଆ ଯାନ ନିମନ୍ତେ, ଭୁବନେଶ୍ୱର ପାର୍ଶ୍ୱର କମ୍ବା ବ୍ରହ୍ମଗିରି ପାର୍ଶ୍ୱରୁ କିମ୍ବା କୋର୍ଣାର୍କ ପାର୍ଶ୍ୱରୁ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ମାର୍କେଟ ଛକ ପର୍ଯ୍ୟନ୍ତ ଅନୁମତି ପ୍ରଦାନ କରାଯାଇଛି। ଏଥିପାଇଁ ମାର୍କେଟ୍ କମ୍ପ୍ଲେକ୍ସ ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏହା ସହ ପୁରୁଣା ଜଗନ୍ନାଥ ବଲ୍ଲଭ ଠାରେ ପାର୍କିଂ ମଧ୍ୟ କରିପାରିବେ। ଫେରିବା ସମୟରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିଥିବା ଯାନ ନରେନ୍ଦ୍ରକୋଣ ଓ ଜଟିଆ ବାବାଜୀ ଛକ ଦେଇ ଫେରିବେ, ମ୍ୟୁନସିପାଲଟି ମାର୍କେଟ୍ କମ୍ପ୍ଲେକ୍ସରେ ପାର୍କିଂ କରିଥିବା ଯାନଗୁଡ଼ିକ ମେଡିକାଲ୍ ଛକ ଦେଇ ଫେରିବେ। ସମୁଦ୍ରକୂଳକୁ ଆସୁଥିବା ଶ୍ରଦ୍ଧାଳୁ ନିଜର ଦୁଇ ଚକିଆ ଯାନଗୁଡ଼ିକ ଭିଆଇପି ରୋଡ୍ ଦେଇ ଦିଗବାରେଣି ଠାରେ ପାର୍କିଂ କରିବେ ଏବଂ ଫେରିବା ବେଳେ ସେହି ରାସ୍ତା ଦେଇ ଫେରିବେ । ଆଇନ ଶୃଙ୍ଖଳା ରକ୍ଷା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ସହର ସାରା ପ୍ରାୟ ୭୯ ପ୍ଲାଟୁନ ପୋର୍ସ ମୁତୟନ କରାଯିବ । ଏସପି, ଅତିରିକ୍ତ ଏସପି, ଡିଏସପି ଏବଂ ଇନ୍ସପେକ୍ଟର ରାଙ୍କର ବହୁ ବରିଷ୍ଠ ଅଧିକାରୀ ଡ୍ୟୁଟିରେ ରହିବେ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଲାଗି କୁଇକ୍ ଆକ୍ସନ ଟିମ୍ , ବୋମା ନିଷ୍କ୍ରିୟକାରୀ ଦଳ ଏବଂ ସନ୍ଧାନୀ କୁକୁର ମୁତୟନ ରହିବେ। କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ପିକପକେଟ୍, ଚେନ୍ ଛିଣ୍ଡାଇବା ଭଳି ଅପରାଧକୁ ରୋକିବା ପାଇଁ ପୋଲିସ ପ୍ରଯୁକ୍ତିବିଦ୍ୟାର ସହଯୋଗ ନେଇଛି । ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟରରୁ ସମଗ୍ର ପୁରୀ ସହରର ଗତିବିଧି ଉପରେ ରିଆଲ୍-ଟାଇମ୍ ନଜର ରଖାଯିବ। ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ଚାରିପାଖରେ ଥିବା ଉଚ୍ଚ ଅଟ୍ଟାଳିକା ଉପରେ ପୋଲିସ କର୍ମଚାରୀମାନେ ବାଇନାକୁଲାର ସହ ମୁତୟନ ରହି ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବେ । ଭିଡ଼ର ସୁଯୋଗ ନେଇ ଗହଣା କିମ୍ବା ପର୍ସ ଚୋରି ରୋକିବାକୁ ସାଧା ପୋଷାକଧାରୀ ସ୍ୱତନ୍ତ୍ର ପୋଲିସ ଦଳ ଭକ୍ତଙ୍କ ଗହଣରେ ରହିବେ।

## ମହିଳା ଉଦ୍ୟମିତା ପ୍ଲାଟଫର୍ମ ଓଡିଶା ଅଧ୍ୟାୟର ଶୁଭାରମ୍ଭ

### ସମୃଦ୍ଧ ଓଡ଼ିଶା ବିକାଶର ନେତୃତ୍ୱ ନେବେ ମହିଳା
### ବାଲେଶ୍ୱରରେ ରାଇସ୍ ମିଲିଙ୍ଗ୍ ଉଦଘାଟିତ
### ପାହାଳରେ ହେବ ରସଗୋଲା କ୍ଲଷ୍ଟର




**ଭୁବନେଶ୍ୱର :** ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ମହିଳା ଉଦ୍ୟମିତା ପ୍ଲାଟଫର୍ମ ଓଡିଶା ଅଧ୍ୟାୟର ଶୁଭାରମ୍ଭ କରିଛନ୍ତି। ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟଫର୍ମ' କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୱେପ ର ଏକ ବର୍ଷର ଆକ୍ସନ ପ୍ଲାନର ମଧ ଶୁଭାରମ୍ଭ କରିଥିଲେ। 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମଏସଏମଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ। ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ନୂତନ ଭାବେ ଗଠିତ ୱେପ ର ପ୍ଲାଟଫର୍ମ ଜରିଆରେ ମିଶନ ଶକ୍ତି, , ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍ ଓ ସ୍କିଲ୍ ଡେଭଲପ୍ମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ। ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆରମ୍ଭ କରାଯାଇଛି।

ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍ଘାଟନ କରାଯାଇଛି। ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ସେହିପରି ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ଗଞ୍ଜାମର ବରପାଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ପାର୍କ'ର ଉଦ୍ଘାଟନ କରାଯାଇଛି। ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମଏସଏମଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ। ରାଜ୍ୟରେ ଏମଏସଏମଇ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ୪ ଲକ୍ଷ ୩୨ ହଜାରରୁ ଅଧିକ ଗଝଗର ଉପକୃତ ହୋଇଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଗଝଗର କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ଲାହିରୀ କହିଛନ୍ତି ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି । ଓଡ଼ିଶାର ଜିଏସଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପି ଠାରୁ ଅଧିକ ରହିଥିବା ବେଳେ ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ଫିଜିକାଲ ହେଲ୍ଥ ଇଣ୍ଡେକ୍ସ- ୨୦୨୬ ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି।

### ଡାକ୍ତରୀ ଛାତ୍ରୀ ମୃତ୍ୟୁ ମାମଲା

## ଭୀମସେନ ଟୁଡୁ ଚାକିରିରୁ ବହିଷ୍କୃତ

**କଟକ:** ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ପ୍ରେମିକ ଭୀମସେନ୍ ଟୁଡୁଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ୪୮ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭବିଷ୍ୟତରେ ଭୀମସେନ୍ ଟୁଡୁ ଆଉ ସରକାରୀ ଚାକିରି କରିପାରିବେ ନାହିଁ। ସୂଚନାଯୋଗ୍ୟ, ପ୍ରେମିକ ଭୀମସେନ୍ ଟୁଡୁଙ୍କ ପାଇଁ ଚନ୍ଦ୍ରିକାଙ୍କର ମୃତ୍ୟୁ ହୋଇଛି ବୋଲି କଟକ ଡିସିପି ଋଷିକେଶ ଖିଲାରୀ ପ୍ରକାଶ କରିଛନ୍ତି। ତ୍ରିକୋଣୀୟ ପ୍ରେମରେ ଉବୁଟୁବୁ ଯୁବ ଓଏଏସ ଅଧିକାରୀ ପ୍ରେମ ଆଳରେ ଦୀର୍ଘ ୧୫ବର୍ଷ ଧରି ଚନ୍ଦ୍ରିକାଙ୍କ ସହ ସମ୍ପର୍କ ରଖିଆସୁଥିବା ବେଳେ ଶେଷରେ କଳା ବର୍ଣ୍ଣ କହି ତାକୁ ଆକ୍ଷେପ କଲେ। କଥା କଥା କେ ସମ୍ପର୍କ କାଟିବାକୁ ଚନ୍ଦ୍ରିକାଙ୍କୁ ଭୀମସେନ ଧମକ ଦେଉଥିଲେ। ମୃତ୍ୟୁ ପୂର୍ବରୁ ନିଜ ଫୋନ୍ ରୁ ଏବଂ ଅନ୍ୟ ଲୋକଙ୍କୁ ଫୋନରୁ ଚନ୍ଦ୍ରିକା ବିକଳ ହୋଇ ଭୀମସେନଙ୍କୁ ବହୁ କଲ୍ କରିଥିଲେ। ହେଲେ ଅନ୍ୟ ଯୁବତୀ ପ୍ରେମରେ ଅନ୍ଧ ଭୀମସେନ୍ ବିବାହ ପାଇଁ ଚନ୍ଦ୍ରିକାଙ୍କୁ କଥା ଦେଇ ଧୋକା ଦେଇଥିଲେ। ଚନ୍ଦ୍ରିକାଙ୍କ ମରିବା ପାଇଁ ଏଭଳି ପରିସ୍ଥିତି ଭୀମସେନ ସୃଷ୍ଟି କରିଥିଲେ ଯେ ଶେଷରେ ଚନ୍ଦ୍ରିକା ଜୀବନ ହରାଇଥିଲେ। ଚନ୍ଦ୍ରିକାଙ୍କ ମୃତ୍ୟୁ ପରଠାରୁ ପୁଲିସ୍ ସହ ଲୁଚକାଳି ଖେଳିବାର କିଛିଦିନ ପରେ ଫେରାର ଭୀମସେନ୍ ଗିରଫ ହୋଇଥିଲେ। ମୟୂରଭଞ୍ଜଜିଲ୍ଲା ବିଷୋୟୀ ଥାନାରୁ ଭୀମସେନଙ୍କୁ ଗିରଫ କରି ବାରଙ୍ଗ ଥାନାକୁ ପୁଲିସ ଆଣିଥିଲା। ଆତ୍ମସମର୍ପଣ କରିଥିବା ଧୋକାବାଜ ପ୍ରେମିକ ଭୀମସେନଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଥିବାରୁ ବିଏନଏସ ଦଫା ୧୦୮ ଓ ୩(୫) ଲାଗୁ କରାଯାଇଛି। ଭୀମସେନ ବିରୋଧରେ ପୁଲିସ୍ ନିକଟରେ ଠୋସ ପ୍ରମାଣ ରହିଛି। ସେପଟେ ଭୀମସେନ ନିକଟରୁ ମୋବାଇଲ, ଲ୍ୟାପଟପ୍ ସହ ଅନେକ ଇଲେକ୍ଟ୍ରିକ ସାମଗ୍ରୀ ଓ ଦସ୍ତାବିଜ୍ ପୁଲିସ ଜବତ କରିଛି।

### ■ ଏକତରଫା ପ୍ରେମର ଭୟଙ୍କର ରୂପ

## ପେଟ୍ରୋଲ ଢାଳି ଯୁବତୀଙ୍କୁ ଜାଳିଦେଲା

### ସମ୍ପୃକ୍ତ ଯୁବକ ଗିରଫ : ଘଟଣାର ତଦନ୍ତ ଆରମ୍ଭ

**ସୁନ୍ଦରଗଡ଼ :** ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର ଜାରାଟୋଲି ଗାଁରେ ଏକତରଫା ପ୍ରେମକୁ ନେଇ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ଜଣେ ଯୁବତୀଙ୍କ ଶୋଇଥିବା ଘରର ଝରକା ଦେଇ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଯୁବତୀ ଗୁରୁତର ଭାବେ ପୋଡ଼ି ଯାଇଥିବା ବେଳେ ବର୍ତ୍ତମାନ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, ସନ୍ତୋଷପୁର ପଞ୍ଚାୟତ ସମିତି ସଦସ୍ୟ ଜେନା ଟୋପ୍ପୋଙ୍କ ୨୬ ବର୍ଷୀୟା ଝିଅ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ନିଜ ଘରେ ଶୋଇଥିଲେ। ଅଭିଯୋଗ ଅନୁଯାୟୀ, ସେହି ସମୟରେ ଗାଁର ରଜତ କିରୋ ନାମକ ଜଣେ ଯୁବକ ଘରର ଝରକା ଦେଇ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ।କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ଘର ଭିତରେ ବ୍ୟାପି ଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ଯୁବତୀ ଚିତ୍କାର କରିବାରୁ ପରିବାର ଲୋକେ ଉଠି ପାଟି କରିଥିଲେ। ଶବ୍ଦ ଶୁଣି ଆଖପାଖର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ।ଯୁବତୀଙ୍କ ପିତା ଜେନା ଟୋପ୍ପୋଙ୍କ କହିବା ଅନୁସାରେ, ପରିବାର ଓ ଗ୍ରାମବାସୀ ପାଣି ମୋଟର ସାହାଯ୍ୟରେ ଦୀର୍ଘ ସମୟର ଚେଷ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଘରର ଆଜବେଷ୍ଟସ ଛାତ ସହ ଅନେକ ମୂଲ୍ୟବାନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି। ନିଆଁରେ ଯୁବତୀଙ୍କ ଶରୀରର ବହୁ ଅଂଶ ଗୁରୁତର ଭାବେ ପୋଡ଼ି ଯାଇଛି।ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ହସ୍ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ବୁର୍ଲାକୁ ରେଫର କରିଥିଲେ। କିନ୍ତୁ ପରିବାରର ଅଭିଯୋଗ ଅନୁସାରେ, ବୁର୍ଲା ବର୍ଣ୍ଣ ସେଣ୍ଟରରେ ଶଯ୍ୟା ଉପଲବ୍ଧ ନଥିବାରୁ ଯୁବତୀଙ୍କୁ ବିନା ଚିକିତ୍ସାରେ ଫେରାଇ ଆଣିବାକୁ ପଡ଼ିଥିଲା। ପରେ ଶନିବାର ସକାଳ ପ୍ରାୟ ସାଢ଼େ ୧୦ଟା ସମୟରେ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ସେଠାରେ ଯୁବତୀଙ୍କ ଚିକିତ୍ସା ଚାଲିଛି। ପରିବାର ଲୋକଙ୍କ କହିବା ଅନୁସାରେ, ଗୁରୁତର ଅବସ୍ଥାରେ ଥିବା ଯୁବତୀଙ୍କୁ ଚିକିତ୍ସା ପାଇଁ ପ୍ରାୟ ୧୧ରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥିଲା। ଘଟଣାକୁ ନେଇ ଯୁବତୀଙ୍କ ପିତା ଜେନା ଟୋପ୍ପୋ ବିଶ୍ରା ଥାନାରେ ଲିଖିତ ଅଭିଯୋଗ କରି ରଜତ କିରୋଙ୍କୁ ଘଟଣା ପାଇଁ ଦାୟୀ କରିଛନ୍ତି। ଅଭିଯୋଗ ଆଧାରରେ ବିଶ୍ରା ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି ।ଏହି ଘଟଣା ଏକତରଫା ପ୍ରେମ କିପରି ଏକ ଭୟଙ୍କର ରୂପ ନେଇପାରେ ତାହା ପୁଣିଥରେ ସାମ୍ନାକୁ ଆଣିଛି। ଅନ୍ୟପଟେ ଏକତରଫା ପ୍ରେମରୁ ଯୁବକ ଜଣକ ଯୁବତୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ସୁନ୍ଦରଗଡ଼ ଏସ୍‌ପି ସୂଚନା ଦେଇଛନ୍ତି। ପୋଲିସ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ତାମିଲନାଡୁ ଗ୍ୟାସ୍ ଲିକ୍ ଆଖି ବୁଜିଲେ ଆଉ ଜଣେ ଜୁଆଙ୍ଗ ଯୁବତୀ

**ଭୁବନେଶ୍ୱର:** ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ ଘଟଣାରେ ଶନିବାର ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି



ଆଉ ଜଣେ ଜୁଆଙ୍ଗ ଯୁବତୀ। ମୃତ ଯୁବତୀ ତେଲକୋଇ ଅଞ୍ଚଳର କବିତା ଜୁଆଙ୍ଗ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ଝିଅଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡିଥିବା ବେଳେ ଗାଁରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁକୁ ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏପରିକି ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି।

### ରଥ ନିର୍ମାଣର ୬୮ ତମ ଦିବସ

## ଗାଇଗୋଠ ପଟା ବାଡ଼ିଆ ଶେଷ

- ■ ସରିଲା ୩୦ ଫୁଟିଆ ଶାଳ କାଠର ଚଉପଟ କାର୍ଯ୍ୟ
- ■ ରୂପକାର ସେବକଙ୍କ ଦ୍ୱାରା ପ୍ରଭାରେ ରୂପ ଖୋଦେଇ ଜାରି



**ପୁରୀ:** ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ଶନିବାର ରଥ ନିର୍ମାଣର ୬୮ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଶନିବାର ଗାଇଗୋଠ ପଟା ବାଡ଼ିଆ ଶେଷ ଓ ୩୦ ଫୁଟିଆ ଶାଳ କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଶୁକ୍ରବାର ସୁଦ୍ଧା ତିନିରଥର ବେଦୀ ସିଂହାସନ ର ନିର୍ମାଣ କାର୍ଯ୍ୟ ସହ ତିନିରଥରେ କନକ ମୁଣ୍ଡି ବସିବା ପାଇଁ ପ୍ରଥମ ଭୂଇଁ ନାହାକା ଚାରି ପାର୍ଶ୍ୱରେ ଚୁନାଟ ପଟା ବାଡ଼ିଆ ଶେଷ ହୋଇଥିଲା । ତିନିରଥର ବେଦୀ ସିଂହାସନ ନିର୍ମାଣ ପାଇଁ ଚାରି ନାହାକା ଉଭୟ ପାର୍ଶ୍ୱରେ ପଡ଼ିଥିବା ଆଗ ପଛ ଢ଼ମକ ଉପରେ ୨୦ ଫୁଟିଆ ଜଗତ ପୃଷ୍ଠ ସେଣି ପକାଯାଇ ବେଦୀ ପରିସରକୁ ବଢ଼ାଇବା ପାଇଁ ଜଗତ ପୃଷ୍ଠ ସେଣି ର ଉଭୟ ପାର୍ଶ୍ୱରେ ବାହୁଟ ଫାଳିଆ ପଡ଼ି ତିନିପାର୍ଶ୍ୱରେ ଗାଇଗୋଠ ପଟା ବାଡ଼ିଆ ଶେଷ ପରେ ବେଦୀ ଉପର ପଟା ପଡ଼ିବା ଜାରୀ ରହିଛି। ସିଂହାସନ ମାଲ କାଠ ଚଉପଟ ପାଇଁ ରଥ ଅମୀନ ଯୋଗାଇ ଦେଇଥିବା ୩୦ ଫୁଟିଆ ଶାଳ କାଠର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମହାପ୍ରଭୁ ରତ୍ନସିଂହାସନରୁ ଓହ୍ଲାଇବା ପାଇଁ କୋଠ ସୁଆଁସିଆ ସେବକ ମାନେ ଏହି ଶାଳ ମାଲ କାଠରେ ଚାର ମାଲ ବାନ୍ଧିବା କାର୍ଯ୍ୟ ସମ୍ପନ୍ନ କରିବେ। ତିନିରଥର ମୁଖ୍ୟ ରୂପକାର ସେବକ ଏବଂ ସହଯୋଗୀ ରୂପକାର ସେବକ ମାନେ ମିଶି ପ୍ରଭାରେ ରୂପ ଖୋଦେଇ ଜାରୀ ରହିଛି। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ପ୍ରଭା ରେ ରୂପ ଖୋଦେଇ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖି ଖୋଦେଇ କାର୍ଯ୍ୟକୁ ଗତିଶୀଳ କରିଛନ୍ତି। ମୁଖ୍ୟ ଚିତ୍ରକାର ସେବକ ଦେବରାଜ ମହାପାତ୍ରଙ୍କ ମାର୍ଗ ଦର୍ଶନରେ ସହଯୋଗୀ ଚିତ୍ରକାର ମାନେ ତିନିରଥର ପାର୍ଶ୍ୱ ଦେବଦେବୀ ମୂର୍ତ୍ତିପ୍ରତିମା ଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ତିନିରଥର ୨୪ ଟି ନାଟ ଗୋଡ଼, ତିନିରଥର ୩୩ ଟି କନ୍ୟାପଟା, ତିନିରଥର ୬ ଟି କଳସ, ତିନିରଥର ୨୮ ଟି ଲେଖାଏଁ ୮୪ ଗୋଟି ହଂସ ପଟା ଏଥିସହ ୧୫ ଟି ଲେଖାଏଁ ୪୫ ଗୋଟି ଠେକରା ବାଡ଼ ,୮ ଟି ଲେଖାଏଁ ଋଷି ପଟା ,ହାତୀ ପଟା, ମଗର ପଟା ସହ ଦୁଆର ବେଢ଼ ଗୁଡ଼ିକର ଚିତ୍ର କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶରେ ରଙ୍ଗକାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ପ୍ରଭା କଣ୍ଟା, ଦୁଆର ବେଢ଼ା କଣ୍ଟା ସହ ଘୋଡା, ସାରଥୀଙ୍କ ପାଇଁ ବାଗିଆ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ପାହି ମହାରଣା ମାନେ ରଥ ଯାତ୍ରା ରେ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୭ ଜଣ , ଭୋଇ ସେବକ ୭୬ଜଣ, ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ ,କରତୀ ସେବକ ୪ଜଣ ,ତୁମ୍ବ ବିନ୍ଧ କାରୀଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୪୦ ଜଣ,ରଥଖଳା ସହାୟକ ୧ଜଣ ମୋଟ ୨୪୩ ଜଣ ମହାପ୍ରଭୁଙ୍କ ତିନିରଥର ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି।

## ମା'-ଝିଅଙ୍କୁ ବୀଭତ୍ସ ହତ୍ୟା

**ବାରିପଦା :** ମୟୂରଭଞ୍ଜରେ ମର୍ଡର। ମହୁଲଡିହା ଥାନା ଅନ୍ତର୍ଗତ ତରାମରା ଗ୍ରାମପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝରୀସାହିରେ ମା' ଏବଂ ଝିଅଙ୍କୁ ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଯାଇଛି। ମୃତକାମାନେ ହେଲେ ସୀତାମଣି ଟୁଡୁ (୩୦) ଏବଂ ତାଙ୍କର ଝିଅ ଜବାମଣି ଟୁଡୁ (୮)। ସୂଚନା ଅନୁସାରେ ଡକେଇପାଳ ଗ୍ରାମର ଚୈତନ୍ୟ ଟୁଡୁ( ୩୫) ଆଜି ଦିନ ୧୦ଟା ବେଳେ କୋଦାଳ ପଜାଇବା ପାଇଁ ବିନ୍ଧାଣି ପାଖକୁ ଯାଇଥିଲା। ସେ ଦିନ ୨ଟାରେ ଘରକୁ ଫେରିଲା ବେଳକୁ ସବୁ କବାଟ ବନ୍ଦ ଅଛି। କବାଟ ବାଡାଇ ଡାକିଲା ବେଳକୁ ଘର ଭିତରୁ ସ୍ତ୍ରୀଙ୍କର ଶବ୍ଦ ଶୁଭୁ ନାହିଁ। ଶୋଇବା ଘର ଭିତର ପଟୁ ବନ୍ଦ ଥିଲା। ଏହା ପରେ ସେ ସିଡି ଲଗାଇ ସ୍କାଏଲାଇଟ ପଟେ ଉଠି ଦେଖିଥିଲେ। ଘର ଉପରେ ସେ ଦେଖିଲେ ଯେ, ସୀତାମଣି ଏବଂ ଜବାମଣି ଶୋଇଛନ୍ତି। ଭିତର ପଟୁ କବାଟ ଖୋଲି ଦେଖନ୍ତିତ ଝିଅର ବେକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସ୍ତ୍ରୀ ସୀତାର ମଧ୍ୟ ମୃତ୍ୟୁ ହୋଇଛି । ସେ ୨ ଜଣକଙ୍କୁ ଲୁଗା ଢାଙ୍କି ଦେଇଥିଲେ। ଝିଅ



ଜବାମଣୀ ଟୁଡୁ ପାରାଦୀପସ୍ଥିତ ଏକ ଆଶ୍ରମ ବିଦ୍ୟାଳୟରେ ଦିତୀୟ ଶ୍ରେଣୀରେ ପଢୁଥିଲା। ଖବର ପାଇ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ମହୁଲଡିହା ଥାନା ଅଧିକାରୀ ତୁଷାର ନାୟକ, ଏଏସ୍ଆଇ ସନ୍ତୋଷ ନାୟକ, ପୁଲିସ୍ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି।

## ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

**ଝାରସୁଗୁଡ଼ା :** ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆଜି ଏକ ନାବାଳିକା ବଳାତ୍କାର ମାମଲାରେ ସଂଗୀନ ରାୟ ପ୍ରକାଶ କରିଛନ୍ତି। ବିଚାରପତି ପୂଜା ଶଡ଼ଙ୍ଗୀ ଅଭିଯୁକ୍ତ ଅଜୟ ସିଂ (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହା ସହିତ ୫୦,୦୦୦ ଟଙ୍କା ଜରିମାନା ଏବଂ ଅନାଦେୟ ହେଲେ ଆଉ ୧ ବର୍ଷର ଅତିରିକ୍ତ ସଶ୍ରମ କାରାଦଣ୍ଡର ନିର୍ଦ୍ଦେଶ ଦେଇଛନ୍ତି ।ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ଜୁନ୍ ୨୨ ତାରିଖ ଅପରାହ୍ନ ପ୍ରାୟ ୧ଟା ସମୟରେ ବନହରପାଲି ଥାନା ଅନ୍ତର୍ଗତ ଆଇବି ଥର୍ମାଲ ପମ୍ପହାଉସପଡ଼ା ଅଞ୍ଚଳରେ ଏହି ଜଘନ୍ୟ ଅପରାଧ ଘଟିଥିଲା। ପୀଡ଼ିତା ନାବାଳିକା ଜଣକ ତାଙ୍କ ସାଙ୍ଗ ସହିତ ଅଭିଯୁକ୍ତର ଘର ସାମ୍ନାରେ ଖେଳୁଥିବା ବେଳେ ସାଙ୍ଗଟି କୌଣସି କାମରେ ଚାଲିଯାଇଥିଲା। ଏହାର ସୁଯୋଗ ନେଇ ଆଇବି ଥର୍ମାଲର ପମ୍ପହାଉସପଡ଼ା ନିବାସୀ ଜୟକୃଷ୍ଣ ସିଂଙ୍କ ପୁଅ ଅଭିଯୁକ୍ତ ଅଜୟ ସିଂ ନାବାଳିକାଙ୍କ ହାତ ଧରି ଜବରଦସ୍ତ ନିଜ ଘରକୁ ଟାଣି ନେଇଥିଲା ଏବଂ ନାବାଳିକା କୁ ବଳାତ୍କାର କରିଥିଲା।

## ସମ୍ପାଦକୀୟ

# ଫ୍ରାଙ୍କଷ୍ଟେନ୍ ଷ୍ଟେଟ୍

ଜାତିସଙ୍ଘରେ ପାକିସ୍ତାନକୁ ସିଧା ଟାର୍ଗେଟ୍ କରିଛି ଭାରତ । ଏମିତି ବି ଭାରତ ଏବଂ ପାକିସ୍ତାନ୍ ମଧ୍ୟରେ ସମ୍ପର୍କ ତ ବହୁତ ପୁରୁଣା , ଭାରତର ସ୍ୱାଧୀନତା ପୂର୍ବରୁ ମଧ୍ୟ ! ତେବେ ସ୍ୱାଧୀନତା ପରେ ଏବେ କିନ୍ତୁ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଆସିଯାଇଛି। ସ୍ୱାଧୀନତା ପରବର୍ତ୍ତୀ ଉଭୟ ହିନ୍ଦୁ ଏବଂ ମୁସଲାମାନ୍ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ଯାହା ବି ଥିଲା, ଆଜି କିନ୍ତୁ ଅତି ଖରାପ୍ ପରିସ୍ଥିତି ମଧ୍ୟକୁ ଆସିଯାଇଛି। ଉଭୟ ଦେଶ ମଧ୍ୟରେ ବିଭାଜନ ପରେ ଯେ ସମ୍ପର୍କ ସେମିତି ଖରାପ ଅବସ୍ଥାକୁ ଆସିଲା, ସେମିତି ବି କହିହେବ ନାହିଁ। ସମ୍ପର୍କ ବହୁ ପୂର୍ବରୁ ବି ଖରାପ୍ ଥିଲା। ଯାହା ପଛରେ ମୁଖ୍ୟ କାରଣ ଯାହାକୁ ଅତି ସରଳ ଏବଂ ଅତି ସ୍ପଷ୍ଟ ଭାବରେ ବୁଝାଯାଇପାରେ।... ଉଗ୍ରବାଦ ଅବା ସନ୍ତ୍ରାସବାଦ ଭଳି ଶବ୍ଦ ଯାହା କି ପୃଥିବୀ ଇତିହାସରେ ଅତି ଦୁଇଟି ଜଘଣ୍ୟ ଶବ୍ଦ, ଅତି ମାରାତ୍ମକ ଶବ୍ଦ ଯାହାକୁ କେବେ ବି ଗ୍ରହଣ କରାଯାଇପାରେନା , ଯାହାକୁ କେବେ ବି ସ୍ୱୀକାର କରାଯାଇପାରେନା। ଏଭଳି ଶବ୍ଦ ଅଭିଧାନରେ ଥାଇପାରେ। ହେଲେ ଏଭଳି ଶବ୍ଦ ମାନବ ସମାଜ ପାଇଁ କେବେ ବି ଗ୍ରହଣୀୟ ହୋଇନପାରେ। ତଥାପି ସମାଜରେ ବାରମ୍ବାର ବ୍ୟବହାର ହେଉଛି ଏଭଳି ଶବ୍ଦ, କେବଳ କଥାରେ ନୁହେଁ, କାମରେ ମଧ୍ୟ ବ୍ୟବହାର ହେଉଛି ଯାହା କି କୌଣସି ବି ସମାଜ ପାଇଁ, ରାଷ୍ଟ୍ର ପାଇଁ ଅତ୍ୟନ୍ତ ଚିନ୍ତାଜନକ ଏବଂ ଅତ୍ୟନ୍ତ ଦୁଃଖଦାୟକ ଏବଂ ଅତି କ୍ଷତିକାରକ.. ଅତ୍ୟନ୍ତ ମାରାତ୍ମକ। ପୃଥିବୀରେ ଆଜି ବି ସେହିଭଳି ଅନେକ ଦେଶ ରହିଛନ୍ତି, ଯେଉଁମାନେ ଏସବୁରେ ବିଶ୍ୱାସ କରନ୍ତି। ସେମାନେ ଏବେ ବି ଜୀବିତ ଅର୍ଥାତ୍ ସେମାନେ ଏବେ ବି ସତ୍ତାରେ ଅଛନ୍ତି ଯେମିତି କି ଆମର ଅତି ପ୍ରିୟ ପାକିସ୍ତାନ୍ ! ଭାରତର ଅତିକ ପ୍ରିୟ ପାକିସ୍ତାନ୍ ..! ଏଭଳି ଉକ୍ତିରେ ଯେ କେହି ବି ବିସ୍ମୟ ପ୍ରକାଶ କରିପାରେ । କାରଣ ପାକିସ୍ତାନ୍ କେବେ ବି ଭାରତର ପ୍ରିୟ ନଥିଲା.. ଅତି ପ୍ରିୟ ତ ଅତି ଦୂରକଥା। ଯାହା ପଛରେ ପାକିସ୍ତାନ୍‌ର ସେହି ନକାରାତ୍ମକ ଇତିହାସ ଯାହା କି ଅତି ଉଗ୍ରବାଦ ଏବଂ ଶକ୍ତ ସନ୍ତ୍ରାସବାଦ ସହିତ ବହୁ ପୂର୍ବରୁ ଜଡ଼ିତ , ଅତି ଆଗରୁ ସମ୍ପର୍କିତ; ସେହି ପାକ୍‌ସ୍ତାନ୍ ଯେ କି ଭାରତର ଅତି ପଡ଼ୋଶୀ ମାନେ ଅତି ନିକଟତମ ପଡ଼ୋଶୀ କିନ୍ତୁ ତା'ର ବୃତ୍ତି ଏବଂ ପ୍ରବୃତ୍ତି ଯେ କେତେ ଖରାପ୍ .ତାହା ନିଜେ ବି ଜାଣିପାରୁନି। ବୋଧହୁଏ କେବଳ ସେଇ ଗୋଟାଏ ମୁଖ୍ୟ କାରଣକୁ ଆମେ ଦୋହରାଇପାରୁ... ଉଗ୍ରବାଦ ଏବଂ ସନ୍ତ୍ରାସବାଦ ଯାହକୁ ପାକିସ୍ତାନ୍ ତା'ର ସାଥୀ ଭାବେ ଗ୍ରହଣ କରିନେଇଛି। ସାଥୀ ତ ନୁହେଁ , ବଡିଗାର୍ଡ ବି କୁହାଯାଇପାରେ। ସେହି ବଡିଗାର୍ଡ ଯେ କି ପାକିସ୍ତାନକୁ ବିପଦ ସମୟରେ କେବେ କେବେ ସାହାଯ୍ୟ କରୁଛି ତ ଆଉ କେବେ ପୁଣି ବିପଦ ଘେରକୁ ଟାଣିନେଉଛି । ସେହି ପାକିସ୍ତାନ୍ ଯିଏ କି ଉଗ୍ରବାଦର ସାହାରା ନେଇ, ସନ୍ତ୍ରାସବାଦର ସାହାରା ନେଇ କେବଳ ଭାରତକୁ ଟାର୍ଗେଟ୍ କରୁଛି, ଭାରତ ତା'ର ଅତି ନିକଟତମ ପଡ଼ୋଶୀ .ବନ୍ଧୁ ଭଳି ଅଥଚ ସେହି ଭାରତ ସହିତ ସବୁବେଳେ ବିଶ୍ୱାସଘାତକତା କରି ଆସୁଛି। ସୀମାରେ ପାକିସ୍ତାନ୍ ର ଉଗ୍ରବାଦ କାର୍ଯ୍ୟକଳାପ ଯାହା କି ଭାରତ ପାଇଁ ସର୍ବଦା ଚିନ୍ତାର କାରଣ ହୋଇଛି। ଯାହାପାଇଁ କାଶ୍ମୀର ସୀମାରେ ବର୍ଷର ବିଭିନ୍ନ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ। ଯାହାକୁ ନେଇ ପାକିସ୍ତାନ୍ ର ହୋଲେ ନାହିଁ କି ଡୋଲେ। ଅଥଚ ଭାରତର ମୂଳଦୁଆ ଲାଗୁଛି କେବେ କେବେ ଦୋହଲିଯିବା ପରି। ଅଥଚ ସେହି ଉଗ୍ରବାଦ ଯେବେ ପାକିସ୍ତାନ୍ ପାଇଁ ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି କରୁଛନ୍ତି, ପାକିସ୍ତନର ସୀମା ଭିତରେ ବିନାଶର ତାଣ୍ଡବ ରଚନା କରୁଛନ୍ତି, ସେତେବେଳେ ତା'ର ହୋସ୍ ଉଡ଼ିଯାଉଛି। ଦୁନିଆ ଆଗରେ କହୁଛି କି ଆମେ ବି ଉଗ୍ରବାଦର ଶିକାର। ଯାହାକୁ କିଏ ବୁଝୁ ବା ନ ବୁଝୁ , ଭାରତ କିନ୍ତୁ ବୁଝିଛି ଠିକ୍ ଭାବରେ। ଆଜି ପିଓ କେରେ ଯେଉଁଭଳି ଲୋକଙ୍କ ଅଧିକାରକୁ ହନନ କରାଯାଉଛି, ଯେଉଁଭଳି ଭାବେ ଲୋକଙ୍କ ସ୍ୱରକୁ ଚାପି ଦିଆଯାଉଛି, ଯାହାକି ମାନବୀୟତାର ସମ୍ପୂର୍ଣ୍ଣ ଉଲ୍ଲଂଘନ । କେବଳ ପାକିସ୍ତାନ ଏଥିପାଇଁ ଦାୟୀ। ସେଥିପାଇଁ ପାକିସ୍ତାନକୁ ସିଧା ନିଶାନା କରିଛି ଭାରତ। ଜାତିସଙ୍ଘରେ ଭାରତର ପ୍ରଥମ ମିଶନ୍‌ର ସଚିବ ଅନୁପମା ସିଂ ରାଇଟ୍ ଟୁ ରିପ୍ଲାଏରେ ପାକିସ୍ତାନକୁ ଏହିପରି ଭର୍ତ୍ସନା କରି ପାକିସ୍ତାନକୁ ଏକ ଫ୍ରାଙ୍କ୍‌ଷ୍ଟେନ୍ ଷ୍ଟେଟ୍ ବୋଲି ଅଭିହିତ କରିଛନ୍ତି। ଯାହାର ପ୍ରଶାସକ ଉଗ୍ରବାଦ କୁ ମଧ୍ୟ ତା'ର ପ୍ରଶାସନର ଗୋଟାଏ ପାର୍ଟ ବୋଲି ଭାବିନିଏ।

# ରାଜାଙ୍କ ସୁବିଚାର

ଦେଶର ଦକ୍ଷିଣରେ ଜଣେ ଧାର୍ମିକ ରାଜା ରହୁଥାନ୍ତି। ତାଙ୍କ ଶାସନ କାଳରେ ରାଜ୍ୟରେ କେହି ବି ସେମିତି ଅସୁବିଧାରେ ରହୁନଥିଲେ। ଯାହାର ଯାହା ବି ଅସୁବିଧା ହେଉଥିଲା, ସେମାନେ ଅଚିରେ ତାଙ୍କ ସମସ୍ୟା ନେଇ ରାଜାଙ୍କ୍ ପାଖକୁ ଧାଇଁ ଆସୁଥିଲେ। ରାଜା ବି କାହାକୁ ସେମିତି ଖାଲିହାତରେ ଫେରାଉ ନଥିଲେ। ସମସ୍ତଙ୍କ ସମସ୍ୟା ସମାଧାନ ଦିଗରେ ରାଜା ବି ସେହିଭଳି କିଛି ତୁରନ୍ତ ପଦକ୍ଷେପ ନେଉଥିଲେ। କାହାକୁ ନିରାଶ କରୁ ନଥିଲେ କି କାହାପ୍ରତି ଅବିଚାର ମଧ୍ୟ କରୁନଥିଲେ। ଯିଏ ବି ଯେଉଁଭଳି ବିଚାରଧାରା ନେଇ ଆସୁଥିଲେ କିମ୍ବା ଯିଏ ଯାହା ବି ଅଭିଯୋଗ ନେଇ ଆସୁଥିଲେ, ରାଜା କେବେ ବି କାହା ସପକ୍ଷରେ ଯାଉନଥିଲେ କି କେବେ କାହା ବିପକ୍ଷରେ ମଧ୍ୟ ଯାଉନଥିଲେ। ସମସ୍ତଙ୍କୁ ଉପଯୁକ୍ତ ବିଚାର ପ୍ରଦାନ କରୁଥିଲେ। ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ତାଙ୍କ ଉଦ୍ୟମ ଜାରି ରଖୁଥିଲେ। ସବୁଦିନ ରାଜାଙ୍କ ପାଖକୁ କିଛି ନା କିଛି ସମସ୍ୟା ନେଇ ଅବା କିଛି ନା କିଛି ଅଭିଯୋଗ ନେଇ କେହି ନା କେହି ଆସନ୍ତି ଏବଂ ରାଜା ସେ ସବୁର ଉପଯୁକ୍ତ ସମାଧାନ ଦିଗରେ ତାଙ୍କର ଉପଯୁକ୍ତ ବିଚାର ପ୍ରଦାନ କରନ୍ତି। ଥରେ ଦୁଇ ଜଣ ହଠାତ ଆସି ରାଜଦରବାରରେ ପହଞ୍ଚିଲେ ଏବଂ ରାଜାଙ୍କ୍ ଠାରୁ ତାଙ୍କର ସମସ୍ୟା ନେଇ ଉପଯୁକ୍ତ ସମାଧାନ ଆଶା କଲେ। ରାଜ ଦରବାରରେ ବିଚାରକାର୍ଯ୍ୟର ସମୟ ସେତେବେଳେ ସରି ଆସୁଥିବାରୁ ରାଜାଙ୍କ ସ୍ୱତନ୍ତ୍ର ପ୍ରତିନିଧି ସେମାନଙ୍କୁ ଫେରାଇଦେଇ ପରଦିନ ଆସିବାକୁ କହିବାରୁ ସେମାନେ କିନ୍ତୁ ରାଜଦରବାର ଛାଡ଼ି ଯିବାକୁ ସେମାନଙ୍କର ଅନିଚ୍ଛା ଜାହିର କଲେ। ରାଜ ଦରବାରକୁ ବହୁ ଦୂରରୁ ବହୁ ଆଶା ନେଇ ଆସିଥିବା ସେହି ଦୁଇଜଣ କିନ୍ତୁ ଜିଦ୍ କରିବାରୁ ଶେଷରେ ରାଜାଙ୍କ ସ୍ୱତନ୍ତ୍ର ମନ୍ତ୍ରୀ ରାଜାଙ୍କ ଅନୁମତି ନେଇ ସେମାନଙ୍କୁ ରାଜ ଦରବାରରେ ଅନ୍ତତଃ ସେହି ରାତିଟା ରହିବା ପାଇଁ ଅନୁମତି ପ୍ରଦାନ କଲେ। ସକାଳୁ ସେମାନଙ୍କର ସେମାନଙ୍କର ବିଚାର ହେବା ବେଳକୁ ସେମାନେ କିନ୍ତୁ ସେହି ରାଜ ଦରବାରରୁ ସେ ଦୁହେଁ କିନ୍ତୁ ଫେରାର୍ ହୋଇଯାଇଥିଲେ। ରାଜା ପୁନଃ ଏକାଧିକ ସୈନ୍ୟ ସାମନ୍ତ ପଠାଇ ସେମାନଙ୍କୁ ଦିନକ ମଧ୍ୟରେ ଖୋଜିଆଣି ଦରବାରରେ ହାଜର କରିବାପରେ ସେମାନେ ନିଜ ନିଜ ମଧ୍ୟରେ ସେମାନଙ୍କର ବିବାଦ ସମାଧାନ କରିଦେଇଥିବା କଥା ରାଜାଙ୍କ ଆଗରେ ସ୍ୱୀକାର କଲେ। ତେବେ ରାଜା କିନ୍ତୁ ସେମାନଙ୍କୁ ପୁନଃ ଦଣ୍ଡ ବିଧାନ ସ୍ୱରୂପ ଆଉ ଦୁଇଦିନ ପାଇଁ ରହିବା ପାଇଁ ଆଦେଶ ଦେଲେ।

# ଆନ୍ତର୍ଜାତିକ ଯୋଗ ଦିବସର ଗୁରୁତ୍ୱ



## ଭଗବାନ ଦାଶ

ଯୋଗ ହେଉଛି ଭାରତୀୟ ସଂସ୍କୃତିର ଏକ ଅମୂଲ୍ୟ ଉପହାର । "ଯୋଗ" ଶବ୍ଦଟି ସଂସ୍କୃତ ଧାତୁ "ଯୁଜ୍" ରୁ ଆସିଛି, ଯାହାର ଅର୍ଥ ହେଉଛି ଯୋଡ଼ିବା ବା ମିଳନ କରାଇବା। ଯୋଗ ଦ୍ୱାରା ଶରୀର, ମନ, ବୁଦ୍ଧି ଓ ଆତ୍ମାର ମଧ୍ୟରେ ସମନ୍ୱୟ ସୃଷ୍ଟି ହୁଏ। ଆଜିର ଦୌଡ଼ଧୂପ, ଚିନ୍ତା, ପ୍ରତିସ୍ପର୍ଦ୍ଧା ଓ ଅନିୟମିତ ଜୀବନଶୈଳୀରେ ଯୋଗ ମଣିଷ ପାଇଁ ଏକ ଆଶୀର୍ବାଦ ସଦୃଶ। ଯୋଗର ମହତ୍ତ୍ୱକୁ ସାରା ବିଶ୍ୱରେ ପ୍ରଚାର କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରାଯାଏ।କରାଯାଉଛି ମଧ୍ୟ।

ଜୁନ୍ ୨୧ ବର୍ଷର ସବୁଠାରୁ ଦୀର୍ଘ ଦିନ ହୋଇଥିବାରୁ ଏହି ଦିନଟିର ଏକ ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ଆଲୋକ ଓ ଶକ୍ତିର ପ୍ରତୀକ। ଯୋଗ ମଧ୍ୟ ମଣିଷ ଜୀବନରେ ସ୍ୱାସ୍ଥ୍ୟ, ଶାନ୍ତି ଓ ସକାରାତ୍ମକତାର ଆଲୋକ ଆଣେ। ତେଣୁ ଏହି ଦିନକୁ ଯୋଗ ଦିବସ ଭାବେ ବାଛାଯାଇଛି। ଏହା କେବଳ ଏକ ଦିନର ଉତ୍ସବ ନୁହେଁ; ବରଂ ପ୍ରତିଦିନ ଯୋଗ ଅଭ୍ୟାସ କରିବା ପାଇଁ ଏକ ପ୍ରେରଣାଦାୟକ ସନ୍ଦେଶ।

ଯୋଗ ଦିବସ ପାଳନର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନ କରିବା। ବର୍ତ୍ତମାନ ଯୁଗରେ ଅନେକ ଲୋକ ଦୀର୍ଘ ସମୟ ଧରି ମୋବାଇଲ, କମ୍ପ୍ୟୁଟର ଓ ଟେଲିଭିଜନ ସାମ୍ନାରେ ବସି ରହୁଛନ୍ତି। ଫଳରେ ଶାରୀରିକ ପରିଶ୍ରମ କମିଯାଉଛି। ଅନିୟମିତ ଖାଦ୍ୟାଭ୍ୟାସ, ଫାଷ୍ଟଫୁଡ୍, ଅଧିକ ଚିନି ଓ ତେଲିଆ ଖାଦ୍ୟ ଗ୍ରହଣ କରିବାରୁ ମୋଟାପଣ, ମଧୁମେହ, ରକ୍ତଚାପ, ହୃଦ୍ ?ରୋଗ, ପିଠିବେଦନା ଓ ଅନ୍ୟାନ୍ୟ ରୋଗ ବଢ଼ୁଛି। ନିୟମିତ ଯୋଗାଭ୍ୟାସ ଶରୀରକୁ ସକ୍ରିୟ, ନମନୀୟ ଓ ସୁସ୍ଥ ରଖେ।

ଯୋଗରେ ଅନେକ ପ୍ରକାର ଆସନ ରହିଛି। ତାଡ଼ାସନ, ବୃକ୍ଷାସନ, ଭୁଜଙ୍ଗାସନ, ପବନମୁକ୍ତାସନ, ପଦ୍ମାସନ, ବଜ୍ରାସନ, ତ୍ରିକୋଣାସନ ଓ ସୂର୍ଯ୍ୟନମସ୍କାର ଭଳି ଆସନଗୁଡ଼ିକ ଶରୀରର ମାଂସପେଶୀକୁ ସୁଦୃଢ଼ କରେ। ଏହା ରକ୍ତସଞ୍ଚାଳନକୁ ଭଲ କରେ ଓ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ସକ୍ରିୟ ରଖେ। ସୂର୍ଯ୍ୟନମସ୍କାର ହେଉଛି ଏକ ସମ୍ପୂର୍ଣ୍ଣ ବ୍ୟାୟାମ। ଏଥିରେ ଶରୀରର ପ୍ରାୟ ସମସ୍ତ ଅଂଶର ଚଳନ ହୁଏ। ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟନମସ୍କାର କଲେ ଶରୀର ଫୁର୍ତ୍ତିଲା ରହେ ଓ ଦିନଭର କାମ କରିବାର ଶକ୍ତି ମିଳେ।

ଯୋଗ କେବଳ ଶରୀର ପାଇଁ ନୁହେଁ, ମନ ପାଇଁ ମଧ୍ୟ ଅତ୍ୟନ୍ତ ଉପକାରୀ। ଆଜି ଅନେକ ଲୋକ ମାନସିକ ଚାପ, ଭୟ, ଦୁଃଖ, ଅଶାନ୍ତି ଓ ଚିନ୍ତାରେ ପୀଡ଼ିତ। ଛାତ୍ରଛାତ୍ରୀମାନେ ପରୀକ୍ଷାର ଚାପ, ଯୁବକମାନେ ଚାକିରିର ଚିନ୍ତା, କର୍ମଚାରୀମାନେ କାମର ଚାପ ଓ ବୟସ୍କମାନେ ରୋଗଭୟରେ ଚିନ୍ତିତ ରହନ୍ତି। ଧ୍ୟାନ, ପ୍ରାଣାୟାମ ଓ ଶ୍ୱାସ-ପ୍ରଶ୍ୱାସର ନିୟନ୍ତ୍ରଣ ମାଧ୍ୟମରେ ମନ ଶାନ୍ତ ହୁଏ। ଅନୁଲୋମ-ବିଲୋମ, କପାଳଭାତି, ଭ୍ରାମରୀ ଓ ଗଭୀର ଶ୍ୱାସ ଅଭ୍ୟାସ ମନର ଅସ୍ଥିରତା କମାଇଥାଏ। ଯୋଗ କଲେ ମଣିଷର ଚିନ୍ତାଧାରା ସକାରାତ୍ମକ ହୁଏ ଓ ଆତ୍ମବିଶ୍ୱାସ ବଢ଼େ।

ଯୋଗ ଦିବସର ଆଉ ଏକ ବଡ଼ ଗୁରୁତ୍ୱ ହେଉଛି ଶୃଙ୍ଖଳାବୋଧ ସୃଷ୍ଟି କରିବା। ଯୋଗ ନିୟମିତତା ଚାହେଁ। ସକାଳେ ଶୀଘ୍ର ଉଠିବା, ସ୍ୱଚ୍ଛ ପରିବେଶରେ ଅଭ୍ୟାସ କରିବା, ସମୟରେ ଖାଇବା ଓ ସଠିକ୍ ଭାବରେ ବିଶ୍ରାମ ନେବା—ଏସବୁ ଯୋଗମୟ ଜୀବନର ଅଂଶ। ଯେଉଁ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ସେମାନେ ସାଧାରଣତଃ ନିଜ ଜୀବନକୁ ଅଧିକ ସୁସଂଗଠିତ ଭାବରେ ପରିଚାଳନା କରିପାରନ୍ତି। ଶୃଙ୍ଖଳା ହେଉଛି ସଫଳତାର ମୂଳମନ୍ତ୍ର, ଏବଂ ଯୋଗ ଏହି ଶୃଙ୍ଖଳାକୁ ମଜବୁତ କରେ।



ଛାତ୍ରଛାତ୍ରୀଙ୍କ ପାଇଁ ଯୋଗର ମହତ୍ତ୍ୱ ଅଧିକ। ପାଠପଢ଼ା ସମୟରେ ଏକାଗ୍ରତା ଅତ୍ୟନ୍ତ ଦରକାର। ମନ ଅଶାନ୍ତ ଥିଲେ କୌଣସି ବିଷୟ ଭଲ ଭାବରେ ବୁଝିହେବ ନାହିଁ। ପ୍ରତିଦିନ କିଛି ସମୟ ଧ୍ୟାନ ଓ ପ୍ରାଣାୟାମ କଲେ ମନ ଏକାଗ୍ର ହୁଏ, ସ୍ମୃତିଶକ୍ତି ବଢ଼େ ଓ ପାଠପଢ଼ାରେ ମନ ଲାଗେ। ଯୋଗ ଛାତ୍ରଛାତ୍ରୀଙ୍କୁ ଧୈର୍ଯ୍ୟଶୀଳ, ଆତ୍ମବିଶ୍ୱାସୀ ଓ ସଂଯମୀ କରେ। ଏହା ତାଙ୍କର ଚରିତ୍ର ଗଠନରେ ମଧ୍ୟ ସାହାଯ୍ୟ କରେ।

ମହିଳାମାନଙ୍କ ପାଇଁ ମଧ୍ୟ ଯୋଗ ଅତ୍ୟନ୍ତ ଉପକାରୀ। ଘର, କାର୍ଯ୍ୟାଳୟ ଓ ପରିବାରର ଦାୟିତ୍ୱ ମଧ୍ୟରେ ଅନେକ ମହିଳା ନିଜ ସ୍ୱାସ୍ଥ୍ୟକୁ ଅବହେଳା କରନ୍ତି। ଯୋଗ ସେମାନଙ୍କୁ ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ ଓ ଆତ୍ମଶକ୍ତି ପ୍ରଦାନ କରେ। ବୟସ୍କ ଲୋକମାନେ ମଧ୍ୟ ସହଜ ଆସନ ଓ ପ୍ରାଣାୟାମ କରି ଶରୀରକୁ ସକ୍ରିୟ ରଖିପାରନ୍ତି। ତେବେ ବୟସ, ଶାରୀରିକ ସ୍ଥିତି ଓ ରୋଗ ଅନୁସାରେ ପ୍ରଶିକ୍ଷିତ ଯୋଗଶିକ୍ଷକ କିମ୍ବା ଡାକ୍ତରଙ୍କ ପରାମର୍ଶ ନେଇ ଯୋଗ କରିବା ଉଚିତ।

ଯୋଗ ଦିବସ ଆମକୁ ଏହା ମଧ୍ୟ ଶିଖାଏ ଯେ ସ୍ୱାସ୍ଥ୍ୟ କେବଳ ରୋଗ ନଥିବାର ନାମ ନୁହେଁ। ସତ୍ୟ ସ୍ୱାସ୍ଥ୍ୟ ହେଉଛି ଶରୀର, ମନ ଓ ଚିନ୍ତାର ସନ୍ତୁଳନ। ଯେଉଁ ବ୍ୟକ୍ତି ଶାରୀରିକ ଭାବେ ସୁସ୍ଥ କିନ୍ତୁ ମନରେ ଅଶାନ୍ତ, ସେ ପୂର୍ଣ୍ଣ ସୁଖୀ ହୋଇପାରେ ନାହିଁ। ପୁଣି ଯେଉଁ ବ୍ୟକ୍ତି ମନରେ ଶାନ୍ତ କିନ୍ତୁ ଶରୀରର ଯତ୍ନ ନେଉନାହାନ୍ତି, ସେମାନଙ୍କର ଜୀବନ ମଧ୍ୟ ସନ୍ତୁଳିତ ରହେ ନାହିଁ। ଯୋଗ ଏହି ଦୁଇଟିକୁ ଏକତ୍ର କରି ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ପଥ ଦେଖାଏ।

ଯୋଗ ଦିବସ ଜାତି, ଧର୍ମ, ଭାଷା ଓ ଦେଶର ସୀମାକୁ ଅତିକ୍ରମ କରି ମାନବତାର ସନ୍ଦେଶ ଦେଇଥାଏ। ଯୋଗ କୌଣସି ଏକ ଧର୍ମ କିମ୍ବା ଗୋଷ୍ଠୀର ସମ୍ପତ୍ତି ନୁହେଁ। ଏହା ସମସ୍ତ ମଣିଷଙ୍କ ପାଇଁ ଉପଯୋଗୀ ଏକ ଜୀବନପଦ୍ଧତି। ସାରା ବିଶ୍ୱର ଲୋକମାନେ ଏକାସାଥି ଯୋଗ କରିବା ମାଧ୍ୟମରେ ଶାନ୍ତି, ଏକତା ଓ ଭାଇଚାରାର ସନ୍ଦେଶ ପ୍ରସାର କରନ୍ତି। ଏହା ଭାରତର ଗୌରବମୟ ଐତିହ୍ୟକୁ ବିଶ୍ୱମଞ୍ଚରେ ପରିଚିତ କରାଇଛି।

ପରିବେଶ ସୁରକ୍ଷା ସହିତ ମଧ୍ୟ ଯୋଗର ଗଭୀର ସମ୍ପର୍କ ରହିଛି। ଯୋଗ ମଣିଷକୁ ପ୍ରକୃତି ସହିତ ଯୋଡ଼େ। ପ୍ରଭାତର ଶୁଦ୍ଧ ବାୟୁ, ସୂର୍ଯ୍ୟର ଆଲୋକ, ଗଛଛାଇ ଓ ନିରବ ପରିବେଶରେ ଯୋଗ କଲେ ମଣିଷ ପ୍ରକୃତିର ମୂଲ୍ୟ ବୁଝିପାରେ। ପ୍ରକୃତିକୁ ସୁରକ୍ଷା କରିବା ଓ ସରଳ ଜୀବନ ଯାପନ କରିବାର ପ୍ରେରଣା ଯୋଗ ଦେଇଥାଏ।

ଏହା ନିଶ୍ଚିତ ଯେ ଯୋଗ ଦିବସ କେବଳ ଏକ ଆନୁଷ୍ଠାନିକ ପାଳନ ନୁହେଁ; ଏହା ସୁସ୍ଥ, ଶାନ୍ତିମୟ ଓ ଶୃଙ୍ଖଳିତ ଜୀବନ ଗଢ଼ିବାର ଏକ ଆନ୍ଦୋଳନ। ଯଦି ଆମେ ପ୍ରତିଦିନ ଅତି କମରେ କୋଡ଼ିଏରୁ ତିରିଶ ମିନିଟ୍ ଯୋଗ, ପ୍ରାଣାୟାମ ଓ ଧ୍ୟାନ ପାଇଁ ଦେଇପାରିବା, ତେବେ ଆମ ଶରୀର ସୁସ୍ଥ, ମନ ପ୍ରଫୁଲ୍ଲ ଓ ଜୀବନ ସୁନ୍ଦର ହେବ। ଯୋଗ ଦିବସର ପ୍ରକୃତ ସାର୍ଥକତା ସେତେବେଳେ ହେବ, ଯେତେବେଳେ ଯୋଗ କେବଳ ଜୁନ୍ ୨୧ରେ ସୀମିତ ନ ରହି ପ୍ରତିଦିନର ଜୀବନର ଅଭିନ୍ନ ଅଂଶ ହେବ।

"କର ଯୋଗ, ରୁହ ନିରୋଗ;
ଶରୀର-ମନେ ଆଣ ଶାନ୍ତିର ଯୋଗ।"

**ଗୁଣ୍ଡିଚା ବିହାର, ପୁରୀ**
**ମୋ. ନଂ.୮୨୪୯୦୮୨୪୦୦**

# ହେତୁବାଦ ସଭ୍ୟତାର ବାହକ



## ଅଧ୍ୟାପକ ଗୋପବନ୍ଧୁ

ଗୁମ୍ଫା ଓ ବୃକ୍ଷ କୋରଡରେ ବସବାସ କରୁଥିବା ମନୁଷ୍ୟ ଦୀର୍ଘ ପଥ ଅତିକ୍ରମ କରି ଆଜି ଆଧୁନିକ ସଭ୍ୟତାରେ ପହଞ୍ଚିଛି। ତାକୁ ଆଜି ସୁସଭ୍ୟ ବୋଲି କୁହାଯାଉଛି। ଏହି ସୋପାନରେ ପହଁଞ୍ଚିବା ପାଇଁ ତାକୁ ବହୁ ବୌଦ୍ଧିକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଛି। ଏ ସଂଘର୍ଷ ଘଟିଛି ହେତୁବାଦୀ ଧାରଣା ଓ ଅନ୍ଧବିଶ୍ୱାସ ମଧ୍ୟରେ। ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା। ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି। ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି। ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛାବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା। ଘଟଣା ପଛର କାରଣକୁ ସେ ଖୋଜିବାକୁ ଲଗିଲା। କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା। ଅଭିଜ୍ଞତା ତାକୁ କାରଣୀକତା ସମ୍ବନ୍ଧରେ ଅବଗତ କରାଇଲା। ସେ ଲକ୍ଷ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି। ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା। ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା। ତାର ଏହି କରଣୀକତା ସମ୍ବନ୍ଧୀୟ ଅନୁଧାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ। କାରଣବାଦ ହିଁ ହେତୁବାଦ। ହେତୁବାଦ ହେଉଛି ବିଜ୍ଞାନର କେନ୍ଦ୍ରୀୟ ତତ୍ତ୍ୱ। ଏହା ବିନା ବିଜ୍ଞାନ ଅକଳ୍ପନୀୟ।

କୁହାଯାଉଛି ଆଧୁନିକ ସଭ୍ୟତା ବିଜ୍ଞାନ ଉପରେ ପର୍ଯ୍ୟବେଶିତ। ଏହାର ଅର୍ଥ ହେତୁବାଦ ଏହା ପଛର ମୁଖ୍ୟ ଆଧାର। କାରଣ ବିଜ୍ଞାନ ଯେଉଁଠାରେ ଅଛି ହେତୁବାଦ ସେହିଠାରେ ଅଛି। ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେନାହିଁ। ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ। କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ। ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି। ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ। କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି। ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉନାହିଁ। ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି। କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ। ଏହାହିଁ ହେତୁବାଦ। ଅତୀତରେ ଲୋକେ ଅନ୍ଧବିଶ୍ୱାସକୁ ସତ୍ୟବୋଲି ଭାବି ନେଉଥିଲେ। କୌଣସି ପ୍ରକାର ପ୍ରଶ୍ନ କରୁନଥିଲେ। ଏବେ କିନ୍ତୁ ସେ ସମୟ ଆଉ ନାହିଁ।

କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ। ଏହା ସହିତ ତୁମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ତୁମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ। ସଭ୍ୟତା



ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରୀତ କରେ। ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ। କାରଣ ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ। ଆରିଷ୍ଟୋଟଲଙ୍କ ମତରେ ମନୁଷ୍ୟ ହେଉଛି ବିଚାରବୁଦ୍ଧି ସମ୍ପନ୍ନ ପ୍ରାଣୀ। ଏଥିରୁ ତର୍କଶୀଳତା, ନ୍ୟାୟଶୀତଳା, ସମତା ଓ ଭାତୃତ୍ୱଭାବ ଜନିତ ଅବଧାରଣା ଜାତ ହୁଏ। ଏହି ଗୁଣସମ୍ପନ୍ନ ବିନା ଜଣେ ସଭ୍ୟତାବାନ ହୋଇପାରିବ ନାହିଁ। ବିଚାରବୁଦ୍ଧି ସମ୍ପନ୍ନ ହେବା ହେତୁବାଦୀ ଧାରଣା ବିନା ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ।

ହେତୁବାଦ କେବଳ ଏକ ବିଚାର ନୁହେଁ। ଏହା ବିକାଶର ବାହକ ମଧ୍ୟ। ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି। ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି। ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି। ସେମାନେ ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖିନାହାଁନ୍ତି। ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି। ହେତୁବାଦୀ ସାମାଜିକ ଦୃଷ୍ଟିଭାଙ୍ଗି ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ନିବୃତ ରଖିଛି। ଦୈନନ୍ଦିନ ଜୀବନରେ ତଥାକଥିତ ଧର୍ମର ଆବଶ୍ୟକତାକୁ ସୀମିତ କରିଛି। ତେଣୁ ସମସ୍ତ ସମୟ, ଶ୍ରମ ଓ ଅର୍ଥକୁ ପ୍ରଗତିପାଇଁ ବିନିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବୈଜ୍ଞାନିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ଏହି ରାଷ୍ଟ୍ରମାନେ ବିକାଶର ଦୌଡରେ ବହୁ ପଛରେ ପଡିଯାଇଛନ୍ତି। ଯେଉଁଠାରେ ଅନ୍ଧବିଶ୍ୱାସ ଅଛି ସେଠାରେ ନାନା କର୍ମକାଣ୍ଡ ଅଛି। ଏ ଦିଗରେ ଅନାବଶ୍ୟକଭାବେ ସମୟ, ଅର୍ଥ ଓ ଶ୍ରମର ବିନିଯୋଗ ମଧ୍ୟ ଅଛି। ଅନ୍ଧବିଶ୍ୱାସର ମୁଖ୍ୟ ପୃଷ୍ଠପୋଷକ ହେଉଛି ଧାର୍ମିକ ମୌଳବାଦ। ଏମାନେ ସଦାସର୍ବଦା ଧର୍ମଭିତ୍ତିକ ହିଂସା ସୃଷ୍ଟି ଓ ମାତ୍ରାଧିକଭାବେ ଧାର୍ମିକ ରୀତିନୀତି ସମ୍ପାଦନରେ ନିଜର ଶ୍ରେଷ୍ଠ ଉଦ୍ୟମକୁ ବିନିଯୋଗ କରନ୍ତି। ଫଳରେ ନିଜର ବ୍ୟକ୍ତିତ୍ୱର ବିକାଶ ଓ ଆର୍ଥିକ ବିକାଶ ଦିଗଟି ପ୍ରତି ପୂର୍ଣ୍ଣ ଧ୍ୟାନ ଦେଇପାରନ୍ତି ନାହିଁ। ଏମାନଙ୍କ ସାମଗ୍ରୀକ ସାମାଜିକ ଚେତନା ମଧ୍ୟ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥାଏ।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ। ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ। ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ। ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ। ଏଥିପାଇଁ ତାଙ୍କୁ ଦୀର୍ଘ ସଂର୍ଘଷ କରିବାକୁ ପଡିଛି। ବିଶେଷକରି ଇଉରୋପରେ ଏ ସଂର୍ଘଷ ରେନାସା ନାମରେ ସୁପ୍ରସିଦ୍ଧ। ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା। ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା। ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ। ଏହା ରକ୍ତାକ୍ତ ସଂଘର୍ଷ ନଥିଲା। ଗୋଡାଗୋଡି, ମାଡ଼ଗୋଳ, ପଥର ଫିଙ୍ଗାଫିଙ୍ଗି, ହଣାକଟାର ସଂଘର୍ଷ ଏହା ନଥିଲା। ସଂର୍ଘଷ ଭିତରେବି ସହନଶୀଳତା ଥିଲା।

ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରୀୟା। ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ। ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ। ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ। ପରିବର୍ତ୍ତନ ଅବସମ୍ଭାବୀ। ରେନାସା ଆସିବହିଁ ଆସିବ। ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖରହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ। ଏ ପରିବର୍ତ୍ତନ ଆନ୍ଦୋଳନର ନେତୃତ୍ୱ ନେବ ବିଜ୍ଞାନ।

**(ଅବସରପ୍ରାପ୍ତ), ଦର୍ଶନ ବିଭାଗ**
**ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦**

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ନୂତନ ରାଶନ କାର୍ଡ ବଣ୍ଟନ



**ବ୍ରହ୍ମପୁର,୨୭।୬ :** ଗୋସାଣୀନୂଆଗାଁ ଓ ବିଜିପୁର ବିଜେପି ମଣ୍ଡଳର ମିଳିତ ଆନୁକୂଲ୍ୟରେ ବିଜିପୁର ସୁନାରୀବନ୍ଧ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅନ୍ତର୍ଗତ ନୂତନ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ୱାର୍ଡ ନଂ-୨୬ ବିଜେପି ସଭାପତି ରବୀନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଦେଇଥିଲେ ଥିଲେ। ଏହି ଅବସରରେ ବାଳକୃଷ୍ଣ ସାମନ୍ତରାୟ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାରଙ୍କ ଏକ ଐତିହାସିକ ଓ ଜନକଲ୍ୟାଣମୂଳକ ପଦକ୍ଷେପ। ଏହି ଯୋଜନା ମାଧ୍ୟମରେ ଗରିବ, ନିରାଶ୍ରୟ ଓ ଅସହାୟ ପରିବାରଙ୍କ ଖାଦ୍ୟ ସୁରକ୍ଷା ଅଧିକ ସୁଦୃଢ଼ ହେବା ସହ ସେମାନଙ୍କ ଜୀବନଯାପନରେ ଉଲ୍ଲେଖନୀୟ ସହାୟତା ମିଳିବ। ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଯୋଜନାରେ ହିତାଧିକାରୀମାନେ ପୂର୍ବରୁ ମୁଣ୍ଡପିଛା ୫ କିଲୋଗ୍ରାମ ଚାଉଳ ପାଉଥିବାବେଳେ, ରାଜ୍ୟ ସରକାରଙ୍କ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି। ଫଳରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ପ୍ରତିମାସରେ ମୋଟ ୧୦ କିଲୋଗ୍ରାମ ଚାଉଳ ପାଇପାରୁଛନ୍ତି। ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ମଲ୍ଲିକ କହିଥିଲେ ଯେ, ଯୋଜନାର ମୂଳ ଲକ୍ଷ୍ୟ ହେଉଛି ରାଜ୍ୟର କୌଣସି ଯୋଗ୍ୟ ପରିବାର ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ରୁହନ୍ତି। ସେ ହିତାଧିକାରୀମାନଙ୍କୁ ରାଶନ କାର୍ଡର ସଦୁପଯୋଗ କରିବା ସହ କୌଣସି ସମସ୍ୟା ଉପୁଜିଲେ ତୁରନ୍ତ ଯୋଗାଣ ବିଭାଗ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ୱାର୍ଡ ନଂ-୨୬ ବିଜେପି ସଭାପତି ରବୀନ୍ଦ୍ର ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଗରିବ ଓ ଅସହାୟ ପରିବାରଙ୍କ ପାଇଁ ଏକ ବରଦାନ ସଦୃଶ। ସରକାରଙ୍କ ଜନହିତକର ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଦିଗରେ ବିଜେପି ସର୍ବଦା ପ୍ରତିବଦ୍ଧ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡ ନଂ-୨୫ କର୍ପୋରେଟର ନରସିଂହ ସେଠୀ, ସମାଜସେବୀ ବଦ୍ରୀ ନାୟକ, କ୍ଷୀରୋଦ କୁମାର ସାହୁ, ଗଣ ସ୍ୱାମୀ, ବିକ୍କି ଆଚାରୀ, ଶିବ ଯାଦବ, ଜଗନ୍ନାଥ ଜେନାଙ୍କ ସମେତ ଦଳର ପଦାଧିକାରୀ, କର୍ମୀ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ। ଶୃଙ୍ଖଳିତ ଓ ସୁପରିଚାଳିତ ପରିବେଶରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# 'ସାମାଜିକ ବାସନ୍ଦ ଏକ ଅପରାଧ' ଆଲୋଚନାଚକ୍ର

**ବ୍ରହ୍ମପୁର,୨୭।୬ :** ରିଖରେ ମାନବବାଦୀ ହେତୁବାଦୀ ସଂଗଠନ ଗଂଜାମ ଜିଲ୍ଲା ପକ୍ଷରୁ ସ୍ଥାନୀୟ ସଂକଳ୍ପ ବିଦ୍ୟାଳୟ ପ୍ରାଙ୍ଗଣରେ ସାମାଜିକ ବାସନ୍ଦ ...ଏକ ଅପରାଧ ବିଷୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ପରିବେଶବିତ ପ୍ରଫୁଲ୍ଲ ସମନ୍ତରାୟ ଓ ପ୍ରଗତିଶୀଳ ଲେଖିକା ବିଧୁପ୍ରଭା ରଥ ମଞ୍ଚସୀନ ଥିଲେ। ସମ୍ପାଦକ କେ ନନ୍ଦେଶ୍ବ ସେନାପତି ସଂକ୍ଷେପରେ ସାମାଜିକ ବାସନ୍ଦ ଫଳରେ ବାସନ୍ଦ ହୋଇଥିବା ବ୍ୟକ୍ତି ଓ ପରିବାର କାହା ସହ କଥାବାର୍ତ୍ତା ହୋଇପାରନ୍ତି ନାହିଁ, ପୋଖରୀରେ ଗାଧୋଇବା, କୂଅରୁ ପାଣି ନେବା ମନା, ଦୋକାନରୁ ସଉଦା ନେବା ମନା ସାମାଜିକ କିମ୍ବା ଧାର୍ମିକ କାର୍ଯ୍ୟରେ ଅଂଶ ଗ୍ରହଣ ବନ୍ଦ ଫଳରେ ପୀଡିତ ପରିବାର ଓ ବ୍ୟକ୍ତି ମାନସିକ ନିର୍ଯ୍ୟାତନା ଭୋଗ କରିଥାନ୍ତି। ଗାଁର ଘରଦ୍ୱାର, ସମ୍ପତ୍ତିବାଡି ଛାଡି ବାହାରେ କିଏ କୋଉଠି ଆଶ୍ରୟ ନିଆନ୍ତି। ଏହି ବ୍ୟବସ୍ଥା ସାଧାରଣତଃ ଗରୀବ ମଧ୍ୟବିତ୍ତଙ୍କ ଠାରେ ହିଁ ଦେଖାଯାଇଥାଏ ବୋଲି ସଂକ୍ଷିପ୍ତ ସୂଚନା ଦେଇଥିଲେ। ବରିଷ୍ଠ ହେତୁବାଦୀ ତଥା ସ୍ତମ୍ଭକାର ଭାଲଚନ୍ଦ୍ର ଷଡଙ୍ଗୀ ନିଜ ବକ୍ତବ୍ୟରେ ଗଂଜାମ ଜିଲ୍ଲାରେ ମୂଖ୍ୟତଃ ଗୁଣିଗାରେଡି ଓ ଆନ୍ତଃଜାତି ବିବାହ ପାଇଁ ବହୁ ନିରୀହ ଲୋକ ସାମାଜିକ ବାସନ୍ଦର ଶିକାର ହୋଇଥାନ୍ତି। ଏହା ଏକ ସାଧରଣ ଅପରାଧ ନୁହଁ ବରଂ ପିଡୀତ ବ୍ୟକ୍ତିଙ୍କ ମାନବିକ, ସାମ୍ବିଧାନିକ ଓ ସାମାଜିକ ଅଧିକାରର ଉଲଂଘନ ବୋଲି କହିଥିଲେ। କୂଳ ସମାଜ ନାଁରେ କିଛି ଲୋକ ସାମାଜିକ ବାସନ୍ଦ ଜରିଆରେ ଜାତି ବ୍ୟବସ୍ଥାକୁ ବଞ୍ଚେଇ ରଖିବାକୁ ବେଆଇନ ଉଦ୍ୟମ କରିଥାନ୍ତି। ଯୁବକ ଯୁବତୀଙ୍କ ନିଜ ଇଚ୍ଛାରେ ଜୀବନସାଥୀ ବାଛିବାର ଅଧିକାର ଉପରେ ଏହା ଆକ୍ରମଣ। ଏହା ଜରିଆରେ କୂଳ ସମାଜ ଓ ଗାଁର କିଛି ଅସାମାଜିକ ଲୋକେ ବେଆଇନ ଭାବେ ସାଧାରଣ ଲୋକର ଆର୍ଥିକ ଶୋଷଣ କରୁଛନ୍ତି ବୋଲି କହିଥିଲେ। ସାମାଜିକ ବାସନ୍ଦ ଏକ କଳଙ୍କ ଏବଂ ଅମାନବିକ ଅଟେ। ଏଭଳି ବିଶେଷ ଅପରାଧର ନିରାକରଣ ପାଇଁ ସରକାର ସ୍ୱତନ୍ତ୍ର ଆଇନ କରିବା ଜରୁରୀ ବୋଲି କହିଥିଲେ। କେବଳ ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଏହା ନିବାରଣ ପାଇଁ ଆଇନ ପ୍ରଣୟନ ହୋଇଥିବା ବେଳେ ଓଡ଼ିଶାରେ ସେଭଳି ଆଇନ ନଥିବାରୁ ଏଭଳି ଅପରାଧ ଅବ୍ୟାହତ ରହୁଛି। ଆଲୋଚନା ଚକ୍ରରେ ସାମାଜିକ ବାସନ୍ଦ ବିରୁଦ୍ଧରେ ସର୍ବଭାରତୀୟ ସ୍ତରରେ ଆଇନ ପ୍ରଣୟନ ପାଇଁ ଦାବୀ କରାଯାଇଥିଲା। ନିଜର ଜଣେ ଭାଇ ଆନ୍ତଃଜାତି ବିବାହ କରିଥିବାରୁ ସାମାଜିକ ବାସନ୍ଦର ପୀଡିତ ଯୁବକ ଦାମୋଦର ସେଠି ନିଜର ତିକ୍ତ ଅଭିଜ୍ଞତା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦବନ ଖଟେଇ, ଶ୍ୟାମସୁନ୍ଦର ଖଡଙ୍ଗା, ଅବନୀ ଗୟା, ଶଙ୍କର ସାହୁ ନିଜ ନିଜର ବାକ୍ତବ୍ୟ ରଖିଥିଲେ। ଛାତ୍ରୀ ତାନ୍ୟା ସାହୁ ଇଖିତ ଏକ କବିତା ପାଠ କରିଥିଲେ। କେ ବାସବରାଜୁ, ଗଣପତି ବେହେରା, ସନ୍ତୋଷ କୁମାର ମିଶ୍ର, ଲକ୍ଷ୍ମୀନୃସିଂହ ରଥ, ମଧୁ ସେଠି, ହାକିମ ଖାଁ, ଜଗନ୍ନାଥ ରାଓ ଆଦି ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଡି.ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।




# ସୁଧୁରୁନି କନିସି ହାଟ ଲକ୍ଷ୍ମୀ ନୃସିଂହ ସାହି ବାସିନ୍ଦାଙ୍କ ସମସ୍ୟା

**ରଙ୍ଗେଇଲୁଣ୍ଡା,୨୭।୬ :** ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିସି ହାଟ ରେ ଅବସ୍ଥିତ ଲକ୍ଷ୍ମୀ ନୃସିଂହ ସାହି !ପ୍ରାୟ ଶହେ ଘର କୁ ନେଇ ଉକ୍ତ ସାହି ଗଠିତ, ମାତ୍ର ବଡ ଦୁର୍ଭାଗ୍ୟ ଏବଂ ପରିତାପର ବିଷୟ ଏହା ଯେ, ଉକ୍ତ ସାହି ରେ ଆଜି ପ୍ରଯ୍ୟନ୍ତ ଗୋଟିଏ ଡ୍ରେନ ନିର୍ମାଣ ହୋଇ ପାରୁନି, ଫଳରେ ଉକ୍ତ ସାହି ବାସିନ୍ଦା ନାହିଁ ନ ନଥିବା ସମସ୍ୟା ର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷା ଋତୁ ଆସୁଥିବାରୁ ଏହି ସମସ୍ୟା ସହଜେ ଅନୁମେୟ। ଉକ୍ତ ସାହି ବାସିନ୍ଦା ବାରମ୍ବାର ସ୍ଥାନୀୟ ସରପଞ୍ଚ ଙ୍କ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ କୁ ଅନୁରୋଧ କଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଇଏ ତ ଗଲା ଡ୍ରେନ ସମସ୍ୟା ଅନ୍ୟ ସମସ୍ୟା ଟି ହେଲା ରାସ୍ତା ସମସ୍ୟା !ଉକ୍ତ ସାହି କୁ ଯିବାକୁ ରାସ୍ତା ଟି ପ୍ରାୟ ପାଞ୍ଚ ବର୍ଷ ହେଲା ଅତି ଦୟନୀୟ ଅବସ୍ଥାରେ ଅଛି, ମାତ୍ର ରଙ୍ଗେଇଲୁଣ୍ଡା ବ୍ଲକ ଠାରୁ ଅନୀତି ଦୂର ରେ ଥିବା ଉକ୍ତ ସାହି ଉପରେ ବ୍ଲକ ପ୍ରଶାସନ ର ନଜର କିପରି ପଡୁନି ତାହା ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହେବାରେ ଲାଗିଛି। ଖୋଦ ଗୋପାଳପୁର ର ମାନ୍ୟବର ବିଧାୟକ ତଥା ମନ୍ତ୍ରୀ ଙ୍କ କିପରି ଦୃଷ୍ଟି ପଡୁନି କିମ୍ବା ତାଙ୍କ ପ୍ରତିନିଧି ଙ୍କ କିପରି ଦୃଷ୍ଟି ପଡୁନି ତାହା ସାହି ବାସିନ୍ଦା ଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି। ଯଦି ଆଗାମୀ ଦିନରେ ଯଦି ଲକ୍ଷ୍ମୀ ନୃସିଂହ ସାହି ର ସମସ୍ୟା କୁ ଯଦି ଅଣଦେଖା କରାଯିବ ତାହାଲେ ସାହି ବାସିନ୍ଦା ଆଗାମୀ ପଞ୍ଚାୟତ ନିର୍ବାଚନ ରେ ଭୋଟ ବର୍ଜନ କରିବେ ବୋଲି ସୁଶାନ୍ତ କୁମାର ପଣ୍ଡିତ, ଅଜିତ ଅଚାରୀ, ପ୍ରସନ୍ନ କୁମାର ଦଳାଇ, ଯୁବ ସମାଜସେବା ମଙ୍ଗୁ ପରିଡା, ବଣ୍ଟି ରାଉତ, ସାରଥୀ ପଣ୍ଡା, ଚୈତନ୍ୟ ଦଳାଇ ପ୍ରମୁଖ ଜଣାଇଛନ୍ତି।

## ବିକାଶ ନାଁରେ ମହାଘୋଟାଲା

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମରେ ବ୍ୟାପକ ଦୁର୍ନୀତି



**ଭବାନୀପାଟଣା,୨୭।୬ :** ଦୀର୍ଘ ବର୍ଷର ସଂଘର୍ଷ ଏବଂ ଦାବି ପରେ ଶେଷରେ ଗାଁକୁ ଖଣ୍ଡେ ପକ୍କା ରାସ୍ତା ମିଳିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଉଥିବାରୁ ଅଞ୍ଚଳବାସୀଙ୍କ ମନରେ ସୃଷ୍ଟି ହୋଇଥିଲା ଆଶା ଓ ଉତ୍ସାହ। ହେଲେ ସେହି ଆଶା ଆଜି ନିରାଶାରେ ବଦଳିଯାଇଛି। ବିକାଶ ନାଁରେ ଏଠାରେ ଚାଲିଛି ମହାଘୋଟାଲା ! ସାପମୁଣ୍ଡି ଅଞ୍ଚଳରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ନିର୍ମାଣରେ ଘୋର ଅନିୟମିତତା ନେଇ ଏକ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଦୁର୍ନୀତି ପ୍ରତିବାଦରେ କ୍ଷୋଭ ପ୍ରକାଶ କରି ସ୍ଥାନୀୟ ଉପର୍ଦୁଣ୍ଡା ଓ ତଳଦୁଣ୍ଡା ଗ୍ରାମବାସୀ ଲଗାତାର ତିନି ତିନି ଥର ଭୋଟ୍ ବର୍ଜନ କରିଥିବା ଜଣାପଡ଼ିଛି ।ଅଭିଯୋଗ ଅନୁଯାୟୀ, ସାପମୁଣ୍ଡି ଠାରୁ ଭାୟା ପୋରପରା ଦେଇ ଉପର୍ଦୁଣ୍ଡା ପର୍ଯ୍ୟନ୍ତ ଚାଲିଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି। ଏହି କାର୍ଯ୍ୟରେ ନିୟୋଜିତ 'ଆରବିଏସ ' ନାମକ ଏକ ଠିକା ସଂସ୍ଥା ସମ୍ପୂର୍ଣ୍ଣ ମନମାନୀ ଚଳାଇଛି। ଗୋଟିଏ କିମ୍ବା ଦୁଇଟି ନୁହେଁ, ପୂରା ୭୯୯.୮୬ ଲକ୍ଷ ଅର୍ଥାତ୍ ପ୍ରାୟ ୮ କୋଟି ଟଙ୍କାର ବିପୁଳ ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର କାମର ସ୍ତର ଏତେ ନିମ୍ନମାନର ଯେ, କୋଟି କୋଟି ଟଙ୍କାର ସରକାରୀ ପାଣ୍ଠିକୁ ଏଠାରେ ଦିନଦ୍ୱିପ୍ରହରେ ହରିଲୁଟ୍ କରାଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ନିର୍ମାଣର ନିୟମାବଳୀକୁ ଜଳାଞ୍ଜଳି ଦେଇ ଠିକ୍ ଢଙ୍ଗରେ ଡବ୍ଲୁଏମ୍ଏମ୍ କିମ୍ବା ଡଷ୍ଟ ଗୁଣ୍ଡ ପକାଯାଉ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି, ରାସ୍ତା କାମ ସମ୍ପୂର୍ଣ୍ଣ ସରିବା ପୂର୍ବରୁ ହିଁ କିଛି ଦିନ ତଳେ ପଡ଼ିଥିବା ମୋରମ ସବୁ ଏବେ ଉଠିବାକୁ ଆରମ୍ଭ କଲାଣି। ଠିକା ସଂସ୍ଥାର ଏଭଳି ନିମ୍ନମାନର କାର୍ଯ୍ୟ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଏସ୍.ଆଇ.ଆର. ସମ୍ପର୍କିତ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଛତ୍ରପୁର,୨୭।୬ :** ଆଜି ଆଭାସୀ ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର.) ସମ୍ପର୍କିତ ଏକ ସମୀକ୍ଷା ବୈଠକ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧକ୍ଷତା କରି ଏସ୍.ଆଇ.ଆର. କାର୍ଯ୍ୟକ୍ରମର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ସେ ଡିଜିଟାଲାଇଜେସନ୍ ଓ ଏ.ଏସ୍.ଡି. ତାଲିକା ପ୍ରସ୍ତୁତି କାର୍ଯ୍ୟରେ ପରିଲକ୍ଷିତ ସାମାନ୍ୟତମ ତ୍ରୁଟିକୁ ତୁରନ୍ତ ସୁଧାର କରିବା ପାଇଁ ସମସ୍ତ ଇ.ଆର.ଓ. ଓ ଏ.ଇ.ଆର.ଓ.ମାନଙ୍କୁ ନିର୍ଦ୍ଦେଶ



ଦେଇଥିଲେ। ଏହାସହ କେତେକ ମତଦାନ କେନ୍ଦ୍ରରେ ବି.ଏଲ୍.ଓ.–ବି.ଏଲ୍.ଏ. ବୈଠକର କାର୍ଯ୍ୟବିବରଣୀ (MOM) ପ୍ରସ୍ତୁତିରେ ଦୃଷ୍ଟିଗୋଚର ହୋଇଥିବା ତ୍ରୁଟିଗୁଡ଼ିକର ସଂଶୋଧନ କରି ଇ.ଆର.ଓ. ନିଜେ ଅନୁମୋଦନ କରି ସାର୍ଟିଫିକେଟ୍ ଜିଲ୍ଲା କାର୍ଯ୍ୟାଳୟକୁ ଆସନ୍ତାକାଲି ଦିବା ୩ ଟା ସୁଦ୍ଧା ପ୍ରେରଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆଗାମୀ ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଗ୍ରହଣ କରାଯିବାକୁ ଥିବା ଆପତ୍ତି ଓ ଦାବିପତ୍ରଗୁଡ଼ିକର ଶୁଣାଣି ପ୍ରକ୍ରିୟା ସମ୍ପର୍କରେ ଇ.ଆର.ଓ. ଓ ଏ.ଇ.ଆର.ଓ.ମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ସ୍ୱଚ୍ଛ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶୁଣାଣି ପ୍ରକ୍ରିୟା ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ଇ.ଆର.ଓ., ଏ.ଇ.ଆର.ଓ. ଓ ନିର୍ବାଚନ ସମ୍ପର୍କିତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ତରଫରୁ ପ୍ରତିଭାବାନଙ୍କୁ ସମ୍ମାନ

**ବ୍ରହ୍ମପୁର,୨୭।୬ :** ଗଞ୍ଜାମ ଜିଲ୍ଲା ଭାଷା,ସାହିତ୍ୟ,କଳା ଓ ସଂସ୍କୃତି ବିକାଶ ପରିଷଦ ର ଭଞ୍ଜନଗର ଶାଖା ତରଫରୁ ତ୍ରିନାଥ ଫାଉଣ୍ଡେସନ ର ସ୍ୱ ନକ୍ଷତ୍ର ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଶାଖା ତରଫରୁ ଅଂଚଳ ର ବିଭିନ୍ନ ପ୍ରତିଭା ବ୍ୟକ୍ତି ଯଥା କଣ୍ଢେଇ ନାଚ,ଭାରତନୀଳା,ସଖୀନାଚ,ବୁଣାକାର,ମୃଦଙ୍ଗ ବାଦକ,ତୁରିବାଦକ କଳାକାର,ରାଧାପ୍ରେମନୀଳା,ଘୁଡୁକୁ କଳାକାର,ପ୍ରହଲ୍ଲାଦ ନାଟକ କଳାକାର, ଓଡିଶୀ ନୃତ୍ୟ ପ୍ରତିଭା କଳାକାର,ମ୍ୟାଜିକସିଆନ୍ ପ୍ରତିଭା ବ୍ୟକ୍ତି,ଛୋଟ



ଛୋଟ ପ୍ରତିଭା ବାନ ଶିଶୁ ଙ୍କୁ ସମ୍ମାନିତ କରଯାଇଥିଲା।ଲୁଚି ରହିଥିବା କଳାକାର, ସମାଜରେ ଲୋକଙ୍କୁ ସେବା ଯୋଗାଉ ଥିବା ବ୍ୟକ୍ତି,ପରିବେଶ ସୁରକ୍ଷା କରୁଥିବା ବ୍ୟକ୍ତି, କଳା,ସଂକୃତି, ସାହିତ୍ୟ କୁ ବଞ୍ଚାଇ ରଖିଥିବା ଏକ ଶହ ରୁ ଉର୍ଦ୍ଧ ବ୍ୟକ୍ତି ଙ୍କୁ ଏଠାରେ ଏପରି ସମ୍ମାନ ପ୍ରଦାନ କରିଥିଲେ ଫାଉଣ୍ଡେସନ ର ପ୍ରତିଷ୍ଠାତା ତ୍ରିନାଥ ନାୟକ।ଏଥିରେ କୃତିବାସ ବିଶ୍ୱାଳ,ସାମ୍ବାଦିକ ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ଲମ୍ବୋଦର ପାଣିଗ୍ରାହୀ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସନ୍ତୋଷ କୁମାର ଜେନା। ଏଠାରେ ପ୍ରତିଷ୍ଠାତା ନାୟକ କହିଥିଲେ ଯେ ଏହିପରି ସେବା କାର୍ଯ୍ୟ ଆଗକୁ ମଧ୍ୟ ଜାରିରହିବ। ନିଜ ଜନ୍ମ ମାଟିରେ ଏପରି ପ୍ରତିଭା ବାନ ଙ୍କୁ ସମ୍ମାନିତ କରି ନିଜକୁ ଭାଗ୍ୟବାନ ମନେ କରୁଥିବା ପ୍ରତିଷ୍ଠାତା ନାୟକ କହିଥିଲେ।

# ମହରମ୍ ଅବସରରେ ବାହାରିଲା ହୁସୈନୀ ଜୁଲୁସ

**ବାଲେଶ୍ୱର,୨୭।୬ :** ମହରମ୍ ଅବସରରେ ହଜରତ ଇମାମ ହୁସେନ (ରଜି.)ଙ୍କ ତ୍ୟାଗ, ବଳିଦାନ ଓ ସତ୍ୟ-ନ୍ୟାୟର ବାର୍ତ୍ତାକୁ ସମାଜରେ ପ୍ରଚାର କରିବା ଉଦ୍ଦେଶ୍ୟରେ ହୁସୈନୀ ଜାନିସାର କମିଟିର ତତ୍ତ୍ୱାବଧାନରେ ବାଲେଶ୍ୱର ସହରର ୧୦ଟି ମହଲ୍ଲାରୁ ଭବ୍ୟ ଓ ଶୃଙ୍ଖଳିତ ହୁସୈନୀ ଜୁଲୁସ ବାହାରିଥିଲା। ଏଥିରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ, ଯୁବକ, ବୟସ୍କ ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ। ଜୁଲୁସ ସମୟରେ ଧର୍ମଗୁରୁମାନେ କର୍ବଲାର ଐତିହାସିକ ଘଟଣା ଓ ହଜରତ ଇମାମ ହୁସେନ (ରଜି.)ଙ୍କ ମହାନ ବଳିଦାନ ଉପରେ ଆଲୋକପାତ କରିଥିଲେ। ସତ୍ୟ, ନ୍ୟାୟ, ଧୈର୍ଯ୍ୟ ଓ ଅନ୍ୟାୟ ବିରୋଧରେ ସଂଘର୍ଷର ପ୍ରେରଣା ଭାବେ କର୍ବଲାର ଶିକ୍ଷାକୁ ଯୁବପିଢ଼ି ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ସୁନହଟ, କୁରେଶୀ ମହଲ୍ଲା, ବାଲୁବଜାର, ଦିୱାନଶାହୀ, ଖ୍ୱାଜାବାଗ, ପଠାନ ମହଲ୍ଲା, ସ୍କୁଲ ବଜାର, ସୁଏଲପୁର, ଅଜିମାବାଦ ଓ ଅରଡ଼ବଜାରରୁ ବାହାରିଥିବା ଜୁଲୁସ ନିର୍ଦ୍ଧାରିତ ମାର୍ଗ ଦେଇ ଗଳା ପୋଖରୀ ହୋଇ ଦର୍ଗାହ ମୈଦାନରେ ପହଞ୍ଚିଥିଲା। ବିଭିନ୍ନ ସ୍ଥାନରେ ଜୁଲୁସକୁ ସ୍ୱାଗତ କରାଯିବା ସହ ଶ୍ରଦ୍ଧାଳୁମାନଙ୍କୁ ଶରବତ ବଣ୍ଟନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ନାତ୍ ପାଠ, ଅହଲେ ବୈତଙ୍କ ସ୍ମରଣ ଓ ସଲାମ ପେଶ କରି କର୍ବଲାର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମୂହ ପ୍ରାର୍ଥନା ସହ ଜୁଲୁସର ସମାପନ ହୋଇଥିଲା। କାର୍ଯ୍ୟକ୍ରମ ସମୟରେ ଶୃଙ୍ଖଳା ବଜାୟ ରଖିବା ସହ ଆଇନ-ଶୃଙ୍ଖଳା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।ହୁସୈନୀ ଜାନିସାର କମିଟିର ସଭାପତି ସଲିମ ଖାନ, ସମ୍ପାଦକ ଶେଖ ଇସଲାମ, କୋଷାଧକ୍ଷ ଅବୁ ଫଜାଏଲ କାଦରୀଙ୍କ ସମେତ ସୟଦ ନସିମ ଅହମଦ ରଜା, ଶେଖ ଅବଦୁଲ କାମିଲ, ଅଜିମ ବାଲେଶ୍ୱରୀ, ଶେଖ ଶରିଫ ମହମ୍ମଦ, ଅବଦୁଲ ରହିମ ଖାନ, ଆଶିକ ଉଲ ହକ, ଶେଖ ସଲିମ, ଶେଖ ଜମନ, ଶେଖ ଆବିଦ କାଦରୀ ଓ ଶେଖ ରାଜା ପ୍ରମୁଖ ଜୁଲୁସକୁ ସଫଳ କରିବାରେ ସହଯୋଗ କରିଥିଲେ। କମିଟି ପକ୍ଷରୁ ସମସ୍ତ ସ୍ୱେଚ୍ଛାସେବକ, ପୋଲିସ, ପ୍ରଶାସନ ଓ ସାଧାରଣ ଜନତାଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଯାଇଥିଲା।

# ପାଟଣାଗଡ଼କୁ ମିଳିଲା ଆଧୁନିକ 'ଅଟଳ ବସ୍ ଷ୍ଟାଣ୍ଡ'

## କନକ ବର୍ଦ୍ଧନ ସିଂହଙ୍କ ହାତରେ ଉଦ୍‌ଘାଟନ

## ବିକାଶରେ ଯୋଡ଼ିଲା ନୂଆ ଅଧ୍ୟାୟ

**ପାଟଣାଗଡ,୨୭।୬ :** ପାଟଣାଗଡ଼ ସହରବାସୀଙ୍କ ଦୀର୍ଘଦିନର ଅପେକ୍ଷାର ଅବସାନ ଘଟାଇ ଆଜି ନବନିର୍ମିତ ଅଟଳ ବସ୍ ଷ୍ଟାଣ୍ଡର ଭବ୍ୟ ଉଦ୍ଘାଟନ ହୋଇଛି। ଏହି ଐତିହାସିକ ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ସମ୍ମାନୀୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯୋଗଦେଇ ଫିତା କାଟି ବସ୍ ଷ୍ଟାଣ୍ଡର ଲୋକାର୍ପଣ କରିଥିଲେ। ଉଦ୍ଘାଟନୀ ସମାରୋହରେ ସମ୍ମାନୀୟ ଅତିଥି ଭାବେ ବଳଭ ଧରୁଆ (SDC ଚେୟାରପର୍ସନ୍), ସୁନୀଲ କୁମାର ମେହେର (ଉପଜିଲ୍ଲାପାଳ, ପାଟଣାଗଡ଼), ସଦାନନ୍ଦ ପୂଜାରୀ (SDPO), ସୁମନ ମିଞ୍ଜ (BDO, ପାଟଣାଗଡ଼), ନାରାୟଣ ଦଣ୍ଡସେନା (ନିର୍ବାହୀ ଅଧିକାରୀ), ରୁଦ୍ର ନାୟକ (ତହସିଲଦାର), ପାର୍ଥିବ ମେହେତା (DES Pvt. Ltd.) ଏବଂ ଦିଲୀପ ଜେନା (OCPL) ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂତନ ଅଟଳ ବସ୍ ଷ୍ଟାଣ୍ଡ ପାଟଣାଗଡ଼ର ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ, ସୁରକ୍ଷିତ ଓ ଆଧୁନିକ କରିବ। ଯାତ୍ରୀମାନେ ଉନ୍ନତ ମୌଳିକ ସୁବିଧା ପାଇବା ସହ ସହରର ସାମଗ୍ରିକ ବିକାଶକୁ ମଧ୍ୟ ଏହା ନୂତନ ଦିଗ ପ୍ରଦାନ କରିବ। ଉପସ୍ଥିତ ଅତିଥିମାନେ ମଧ୍ୟ ଏହି ପ୍ରକଳ୍ପକୁ ପାଟଣାଗଡ଼ର ବିକାଶ ଇତିହାସରେ ଏକ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଥିଲେ। ସହରବାସୀ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା। ନୂତନ ବସ୍ ଷ୍ଟାଣ୍ଡ ଚାଲୁ ହେବା ସହ ପାଟଣାଗଡ଼ ଏବଂ ଆଖପାଖ ଅଞ୍ଚଳର ହଜାର ହଜାର ଯାତ୍ରୀ ସିଧାସଳଖ ଭାବେ ଉପକୃତ ହେବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।




# ଉପଜିଲ୍ଲାପାଳ ପରିଚୟ ଦେଇ ଠକେଇ

## ୨୦,୪୯୪ ଟଙ୍କାର ସାମଗ୍ରୀ କିଣି ଟଙ୍କା ନ ଦେଇ ଫେରାର

**ବ୍ରହ୍ମପୁର,୨୭।୬ :** ନିଜକୁ ଉପଜିଲ୍ଲାପାଳ ବୋଲି ପରିଚୟ ଦେଇ ଏକ ବ୍ରାଣ୍ଡେଡ୍ ଶୋରୁମରୁ ହଜାର ହଜାର ଟଙ୍କାର ସାମଗ୍ରୀ କିଣି ଟଙ୍କା ନ ଦେଇ ଚାଲିଯିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଥିବା ଟଫ ଚଙ୍ଗଖଙ୍ଗ ଡ୍ରେସ୍ ଶୋରୁମରେ ଘଟିଛି। ଶୋରୁମର ମ୍ୟାନେଜର ଅଜୟ କୁମାର ସାହୁଙ୍କ କହିବା ଅନୁଯାୟୀ, ଜଣେ ବ୍ୟକ୍ତି ନିଜକୁ ଉପଜିଲ୍ଲାପାଳ ବୋଲି ପରିଚୟ ଦେଇ ୨୦,୪୯୪ ଟଙ୍କାର ସାମଗ୍ରୀ କିଣିଥିଲେ। ପରେ ସେ ଟଙ୍କା ପ୍ରଦାନ ନ କରି ସେଠାରୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ସମ୍ପୃକ୍ତ ବ୍ୟକ୍ତି ନକଲି ପରିଚୟ ଦେଇ ଏହି ଠକେଇ କରିଥିଲେ। ଏନେଇ ଅଜୟ କୁମାର ସାହୁ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ ୩୩୩/୨୦୨୬ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅଜଣା ବ୍ୟକ୍ତିଙ୍କ ମୃତ ଦେହ ମନ୍ତେଇ ନଦୀରୁ ଉଦ୍ଧାର

## ପରିବାର ଲୋକଙ୍କ ଚିହ୍ନଟ ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଲା



**ବାସୁଦେବପୁର,୨୭।୬ :** ଭଦ୍ରକ ଜିଲ୍ଲା ବାସୁଦେବପୁର ନାୟକାଣିଡିହି ଥାନା ଖସରବାଡି ନିକଟରେ ମନ୍ତେଇ ନଦୀରେ ଭାସୁଛି ଅଜଣା ଯୁବକଙ୍କ ମୃତ ଦେହ। ମୃତଦେହଟି ଚାରବାଟିରୁ ଏକଡାଳ ଅଭିମୁଖେ ନଦୀର ଜୁଆର ସ୍ରୋତରେ ଭାସମାନ ଅବସ୍ଥାର ସ୍ଥାନୀୟ ଲୋକ ଦେଖିବାକ ନାୟକାଣିଡିହି ପୋଲିସ ଏବଂ ବାସୁଦେବପୁର ଅଗ୍ନିଶମ ବାହିନିକୁ ଖବର ଦେଇଥିଲେ !ଘଟଣାସ୍ଥଳରେ ଅଗ୍ନିଶମ ବାହିନି ପୋଲିସ ପହଁଚି ମୃତଦେହଟିକୁ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଯୁବକଙ୍କ ବୟସ ପାଖାପାଖି ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଇତିମଧ୍ୟରେ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ପରେ ଚିହ୍ନଟ କଲେ ବାପା। ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର କୁଶଧର ସାହୁଙ୍କ ଏକ ମାତ୍ର ପୁଅ ସୌମ୍ୟରଞ୍ଜନ ସାହୁ ପରିବାର କଳହ ଯୋଗୁଁ ତିନି ଦିନ ତଳେ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ନ ପାଇବାରୁ ନାୟକାଣିଡିହି ଥାନା ରେ ନିଖୋଜ ହୋଇଥିବା ଲିଖିତ ଅଭିଯୋଗ କରିଥିଲେ। ଆଉ ଆଜି ଖସରବାଡି ନିକଟରେ ମନ୍ତେଇ ନଦୀରେ ଭାସୁଥିବା ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ନଜରରେ ଆସିଥିଲା। ବାସୁଦେବପୁର ଅଗ୍ନିଶମ ବାହିନୀ ଏବଂ ନାୟକାଣିଡିହି ପୋଲିସ କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଏବଂ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହିତ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ବାପା କୁଶଧର ସାହୁ ପୁଅର ଶବ କୁ ଚିହ୍ନଟ କରିବା ପରେ ପୋଲିସ ପକ୍ଷରୁ ପଞ୍ଚନାମା କରାଯାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ମାତିଛି ମାଟି ମାଫିଆ ଲୁଟୁଛି ବେଆଇନ ମାଟି



**କଣ୍ଟାବାଞ୍ଜି,୨୭।୬ :** ଦିନ ଦ୍ୱିପହର ରେ ଲୁଟ ହେଉଛି ସରକାରୀ ରାଜସ୍ୱ,ମାଲେମାଲ ହେଉଛନ୍ତି ମାଫିଆ। ଖୋଲ ହେଉଛି ଜମି,ହ୍ରାସ ହେଇ ଆସୁଛି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ। ଏଠି ମାଟି ସମତଳ କରି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କୁ ଚୁନା ମାରୁଛି ମାଟି ମାଫିଆ। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲ ଅନ୍ତର୍ଗତ ଖଇରା ପଞ୍ଚାୟତର ଲୁକାପଡା ଗାଁର ଲୋକଙ୍କ ରଇତି ଜମି ମାନଙ୍କରୁ ବେଆଇନ ଭାବରେ ଗତ ସାତ ରୁ ୮ ଦିନ ହେଲା ଦୁଇ,ଦୁଇଟି ପୋକ୍ଲାନ ଓ ସହ ସହ ହାଇବା ଯୋଗେ ମାଟି ଲୁଟି ଆସୁଛି କଣ୍ଟାବାଞ୍ଜି ସହରର ଜଣେ ମାଟି ମାଫିଆ। ତେବେ ବିନା ରୟାଲ୍ଟି ରେ ବେଆଇନ ଭାବରେ ଏକର ଏକର ଜମି ମାନଙ୍କୁ ଖୋଲ କରି ବେଆଇନ ଭାବରେ ମାଟି ଲୁଟି ନେଉଥିବା ଲୋକ ମାନଙ୍କ ଦ୍ୱାରା ଅଭିଯୋଗ ହେଉଛି। ମାଟି ସମତଳ ପାଇଁ ୮ ଦିନ ହେଲା ଏଭଳି ମେସିନ ସାହାଯ୍ୟରେ। ସହ ସହ ହାଇବା ଯୋଗେ ମାଟି ବୋହି କଣ୍ଟାବାଞ୍ଜି ସହରର ଜଣେ ଜମି ମାଲିକ। ନିଜ ଜମିର ସମତଳ କାର୍ଯ୍ୟ କରି ଆସୁଥିବା ଲୋକେ କହୁଛନ୍ତି। ତେବେ ସରକାରୀ ରାଜସ୍ୱକୁ ଏଠି ଦିନ ଦ୍ୱିପହର ରେ ମାଫିଆ ଧୂଳି ସାତ କରି ଆସୁଥିବା ସ୍ପଷ୍ଟ ଭାବରେ ଜଣାପଡୁଛି। ଲୁକାପଡା ଗାଁ ର ରଇତି ପ୍ଲଟ ମାନଙ୍କରେ ଏକର ଏକର ଜମିକୁ ମେସିନ ସାହାଯ୍ୟରେ ଖୋଲ କରି ହାଇବା ଯୋଗେ ମାଟି ବୋହା କାର୍ଯ୍ୟ ଚଳେଇ ଆସିଛି ମାଟି ମାଫିଆ। ଏସମ୍ପର୍କରେ ବଙ୍ଗୋମୁଣ୍ଡା ତହସିଲ ଦାରକୁ ପଚାରିବାରୁ ଖଣି ବିଭାଗ ରେ ରୟାଲ୍ଟି କଟା ଯାଇଥିବ ଆମ ଠାରେ କଟା ହୋଇନି ବୋଲି କହିଥିଲେ। ତେବେ ଏହା ନେଇ ବଲାଙ୍ଗୀର ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତ ଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟାକରିଥିଲୁ ହେଲେ ଯୋଗାଯୋଗ ହୋଇ ପାରିନଥିଲା। ତେବେ ପ୍ରଶାସନ ଏଭଳି ବେଆଇନ କାମ ଉପରେ ଦୃଷ୍ଟି ଦେଇ ମାଫିଆ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦାବି ହେଉଛି।

## ବାଲିଅନ୍ତାରେ ଆଇନଠାରୁ ବଳବାନ ମାଟି ମାଫିଆ ?

# ଅଧିକାରୀଙ୍କୁ ଦୁର୍ବ୍ୟବହାର ପରେ ବି କାହିଁକି ନିରବ ପ୍ରଶାସନ ?



**ଫୁଲନଖରା,୨୭।୬ :** ରାଜ୍ୟ ସରକାର ଏକପଟେ ସୁଶାସନ, ସ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାର ନାରା ଦେଉଥିବା ବେଳେ ଅନ୍ୟପଟେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ତହସିଲ ଅନ୍ତର୍ଗତ ମହାନ୍ତିପାଟନା ଗ୍ରାମରେ ଘଟିଥିବା ଘଟଣା ସେହି ଦାବି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ହେଉଛି, ଦିନ ଦ୍ୱିପ୍ରହରରେ ଜେସିବି ଲଗାଇ ସରକାରୀ ଗୋଚର ଜମିରୁ ବେଆଇନ ଭାବେ ବ୍ୟାପକ ମାଟି ଉତ୍ତୋଳନ କରାଯାଇ ଅନ୍ୟ ଏକ ସରକାରୀ ଜମିରେ ରାସ୍ତା ନିର୍ମାଣ କରାଯାଇଛି। ଫଳରେ ଯେଉଁ ସ୍ଥାନରୁ ମାଟି ନିଆଯାଇଛି, ତାହା ଏବେ ଏକ ବିଶାଳ ଗର୍ତ୍ତ ଓ ପୋଖରୀର ଆକାର ଧାରଣ କରିଛି।ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଏହା କୌଣସି ଆକସ୍ମିକ ଘଟଣା ନୁହେଁ। ଦୀର୍ଘଦିନ ଧରି କିଛି ପ୍ରଭାବଶାଳୀ ମାଟି ମାଫିଆ ସରକାରୀ ଜମିକୁ ନିଜ ବାପପୁରୁଷଙ୍କ ସମ୍ପତ୍ତି ଭଳି ବ୍ୟବହାର କରି ଖୋଲାଖୋଲି ମାଟି ଉତ୍ତୋଳନ କରୁଥିବା ଅଭିଯୋଗ ରହିଛି। ଆହୁରି ଚିନ୍ତାଜନକ କଥା ହେଉଛି, ଏସବୁ କାର୍ଯ୍ୟକଳାପ ସ୍ଥାନୀୟ ରାଜସ୍ୱ ବିଭାଗର ନାକ ତଳେ ଘଟୁଥିଲେ ମଧ୍ୟ ସେଗୁଡ଼ିକୁ ରୋକିବା ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି।ଅଭିଯୋଗର ତୀର ସିଧାସଳଖ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ଆଡ଼କୁ ଯାଉଛି। ସ୍ଥାନୀୟଙ୍କ କହିବା ଅନୁଯାୟୀ, ବାଲିଅନ୍ତାରେ ତହସିଲଦାର ବଦଳୁଥିଲେ ମଧ୍ୟ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ସେହି ସର୍କଲରେ କାର୍ଯ୍ୟରତ ଅଛନ୍ତି। ବାରମ୍ବାର ବେଆଇନ ମାଟି ଉତ୍ତୋଳନ ଘଟୁଥିଲେ ମଧ୍ୟ ପ୍ରଶାସନର ନିରବତା କେବଳ ଅବହେଳା ନା ଏହା ପଛରେ ଅନ୍ୟ କୌଣସି ଅଦୃଶ୍ୟ ଶକ୍ତି କାମ କରୁଛି, ତାହାକୁ ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ଘନୀଭୂତ ହେଉଛି।ଘଟଣା ସମ୍ପର୍କରେ ସୂଚନା ପାଇ ଅତିରିକ୍ତ ତହସିଲଦାର ପାହାଳ ଥାନା ପୋଲିସ ସହ ଘଟଣାସ୍ଥଳକୁ ପହଞ୍ଚିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ଜେସିବି ସମେତ ମାଟି ଉତ୍ତୋଳନରେ ବ୍ୟବହୃତ ସମସ୍ତ ସାମଗ୍ରୀ ସ୍ଥଳ ଛାଡ଼ି ଫେରାର ହୋଇଯାଇଥିବା କୁହାଯାଉଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ଘଟଣାସ୍ଥଳରେ କିଛି ପ୍ରଭାବଶାଳୀ ବ୍ୟକ୍ତି ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର କରିବା ସହ ଧମକପୂର୍ଣ୍ଣ ଆଚରଣ କରିଥିଲେ। ଏପରିକି ଘଟଣାର କଭରେଜ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ମଧ୍ୟ ଅସଦାଚରଣ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି।ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି—ଯଦି ଜଣେ ଅତିରିକ୍ତ ତହସିଲଦାରଙ୍କ ଭଳି ସରକାରୀ ଅଧିକାରୀଙ୍କୁ ସର୍ବସାଧାରଣଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରାଯାଉଛି, ତେବେ ସାଧାରଣ ନାଗରିକଙ୍କ ସୁରକ୍ଷା କେଉଁଠି ? ଘଟଣା ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୌଣସି ଦୃଶ୍ୟମାନ ଆଇନଗତ ପଦକ୍ଷେପ ନ ହେବା ପ୍ରଶାସନର ଦୃଢ଼ତା ଉପରେ ଗଭୀର ପ୍ରଶ୍ନ ଉଠାଇଛି।ଏହି ପ୍ରସଙ୍ଗରେ ବାଲିଅନ୍ତା ତହସିଲଦାରଙ୍କ ପ୍ରତିକ୍ରିୟା ମଧ୍ୟ ବିବାଦକୁ ଆହୁରି ତୀବ୍ର କରିଛି। ସେ କହିଛନ୍ତି ଯେ, ସମ୍ପୃକ୍ତ ବ୍ୟକ୍ତିମାନେ ପରେ ଅଫିସକୁ ଆସି ନିଜ ଭୁଲ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲେ। କିନ୍ତୁ ପ୍ରଶ୍ନ ହେଉଛି, ସରକାରୀ ଜମି ଲୁଟ୍, ବେଆଇନ ଖନନ ଓ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଭଳି ଗୁରୁତର ଅଭିଯୋଗ କେବଳ କ୍ଷମା ପ୍ରାର୍ଥନାରେ ସମାଧାନ ହୋଇଯିବ କି ? ନା କି ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି କୁହାଯାଉଥିବା ଦାବି କେବଳ କାଗଜକଲମରେ ସୀମିତ ? ଉଲ୍ଲେଖଯୋଗ୍ୟ, ଅତୀତରେ ଏହି ରାଜସ୍ୱ ସର୍କଲକୁ ନେଇ ଭିଜିଲାନ୍ସ ଚଢ଼ାଉ ମଧ୍ୟ ହୋଇଥିବା ରେକର୍ଡ ରହିଛି। ତଥାପି ବାରମ୍ବାର ସମାନ ଧରଣର ଅଭିଯୋଗ ସାମ୍ନାକୁ ଆସୁଥିବାରୁ ରାଜସ୍ୱ ବ୍ୟବସ୍ଥାର ସ୍ୱଚ୍ଛତା ଓ ଜବାବଦେହିତା ଉପରେ ସନ୍ଦେହ ଆହୁରି ବଢ଼ିଛି।

# ଓଡ଼ିଆ ଛାତ୍ରଙ୍କର ଜାପାନ ଯାତ୍ରା

**ଭୁବନେଶ୍ୱର,୨୭।୬ :** ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ବିଭାଗ ଉଦ୍ୟମରେ ଜାପାନ ସରକାରଙ୍କର ପ୍ରାୟୋଜିତ ସମ୍ମାନଜନକ ସୁକୁରା ବିଜ୍ଞାନ ଶିକ୍ଷଣ ଶିବିରରେ ଯୋଗଦେବା ପାଇଁ କଟକ ଜିଲ୍ଲା ବିଜ୍ଞାନ ପରିଦର୍ଶିକା ବିଜ୍ଞାନ ସ୍ତମ୍ଭକାର ଶ୍ରୀମତୀ ସାଗରିକା ରାଉତଙ୍କ ତତ୍ତ୍ୱାବଧାନରେ ଓଡିଶାରୁ ତିନି ଜଣ ଛାତ୍ର ଜାପାନ ଗସ୍ତରେ ଯାଇଛନ୍ତି। ଏହି ଶିବିରରେ ସ୍ଥାନ ପାଇବା ପାଇଁ ସର୍ବଭାରତୀୟ ସ୍ତରରେ ଉଚ୍ଚ ବିଦ୍ୟାଳୟର ଛାତ୍ର-ଛାତ୍ରୀମାନଙ୍କର ସ୍ୱତନ୍ତ୍ର ମେଧା ପରୀକ୍ଷା ହୋଇଥାଏ। ଚଳିତ ପର୍ଯ୍ୟାୟରେ କୃତିତ୍ୱ ହାସଲ କରିଥିବା ଓଡିଶାର ଛାତ୍ର ଶ୍ରୀ ରାଜୁ ପ୍ରଧାନ, ସୁଶ୍ରୀ ତେଜସ୍ୱୀ, ଟାକେଶ୍ୱରୀ ସିନ୍ଧୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ଗତ ଜୁନ ୨୫ ତାରିଖରେ ଟ୍ରେନ ଯୋଗେ ଦିଲ୍ଲୀ ବାହାରି ଯାଇଛନ୍ତି। ସେଠାରୁ ଉଡାଜାହାଜରେ ଜାପାନ ଯିବେ। ୧୦ ଦିନ ବ୍ୟାପୀ ବିଭିନ୍ନ ବୈଷୟିକ ଅଭିଜ୍ଞତା ହାସଲ କରି ଦେଶକୁ ଫେରିବେ।

# ବିବେକାନନ୍ଦ ପ୍ରତିଷ୍ଠା ଦିବସ ପାଳିତ



**ବସ୍ତା,୨୭।୬ :** ଚାନସେଲର ରାଉତ ବସ୍ତା ଅଞ୍ଚଳ ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ତା'ର ୨୪ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟରେ ବିବେକ ପତାକା ଉତ୍ତୋଳନ ସହ ଶିକ୍ଷା କେନ୍ଦ୍ର କଟୁ ଆଲୋକମାଳା ଓ ଫୁଲ ଦ୍ୱାରା ସଜ୍ଜିତ ହୋଇଥିଲା। ଶିକ୍ଷା କେନ୍ଦ୍ର ର ସଭାପତି ଶଙ୍କର କୁମାର କର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ବକ୍ତା ଗଗନ ବିହାରୀ ଜେନା, କୁମୁଦ ରଞ୍ଜନ ଗିରି, ରାମଚନ୍ଦ୍ର ଦେବ, ନରେନ୍ଦ୍ର ସେଠୀ, ବଂଶୀଧର ସାହୁ, ଶ୍ୟାମାପ୍ରସାଦ ବେହେରା ପ୍ରମୁଖ ଅନୁଷ୍ଠାନର ପ୍ରଗତିରେ ଦୀର୍ଘ ଚବିଶ ବର୍ଷ ର ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଗତ ଗ୍ରୀଷ୍ମ ସମୟରେ ଆୟୋଜିତ 'ସମର କ୍ୟାମ୍ପ' ର ଛାତ୍ରଛାତ୍ରୀ ଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ପରିଚାଳନା ପରିଷଦର ସଦସ୍ୟ ହିତାଂଶୁ ବେହେରା, ଡା: ରବିନାରାୟଣ ସାହୁ, ନିରଞ୍ଜନ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁମା ପୁଷ୍ପଲତା ପଟ୍ଟନାୟକ, ସୁଶାନ୍ତିଲତା ବେହେରା, ନମିତା ଦାସ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସର୍ବକାଳୀନ ସେବାପାଇଁ କୋଷାଧ୍ୟକ୍ଷ ପ୍ରଦୀପ ପରିଡାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଶିକ୍ଷାବର୍ଷରେ ରୌପ୍ୟଜୟନ୍ତୀ ଉପଲକ୍ଷେ ଏକ ପ୍ରସ୍ତୁତି କମିଟି ଗଠନ କରାଯାଇଥିଲା।

# ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ

**ବ୍ରହ୍ମପୁର,୨୭।୬ :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ବ୍ରହ୍ମପୁରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜେପିର ଜାତୀୟ କାଉନସିଲ୍ ସଦସ୍ୟ ତଥା ବରିଷ୍ଠ ନେତା କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ସ୍ଥାନୀୟ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବିଜେପିର ନେତା ଓ କର୍ମୀମାନେ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ। ଏହି ଅବସରରେ କାହ୍ନୁ ଚରଣ ପତି କହିଥିଲେ ଯେ, ଓଡ଼ିଶାର ବିକାଶ, ଶିକ୍ଷା କ୍ଷେତ୍ରର ଉନ୍ନତି ଓ ରାଜ୍ୟର ସ୍ୱାର୍ଥ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।

# ଶିକ୍ଷା ବ୍ୟବସ୍ଥା ସଙ୍କଟରେ, ଦେଶର ଭବିଷ୍ୟତ ବିପନ୍ନ: କଂଗ୍ରେସ



**ବାଲେଶ୍ୱର,୨୭।୬ :** ଯେକୌଣସି ଜାତି ଓ ସଭ୍ୟତାର ଆତ୍ମା ହେଉଛି ଶିକ୍ଷା। ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଲେ ସଭ୍ୟତା ମଧ୍ୟ ବିପର୍ଯ୍ୟୟ ଆଡ଼କୁ ଗତି କରିଥାଏ। ବର୍ତ୍ତମାନ ଦେଶର ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ଭାରତର ଭବିଷ୍ୟତକୁ ବିପନ୍ନ କରୁଛି ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ 'ଶିକ୍ଷା ବଞ୍ଚାଅ, ଦେଶ ବଞ୍ଚାଅ' ଶୀର୍ଷକରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାନସଭାର କଂଗ୍ରେସ ବିଧାୟକ ଦଳର ଉପନେତା ତଥା ବାସୁଦେବପୁର ବିଧାୟକ ଅଶୋକ ଦାସ ଏବଂ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମଧୁମିତା ସେଠୀ ପଣ୍ଡା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତି ଓ ପରିଚାଳନାକୁ କଡ଼ା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ, ନିଟ୍ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ସରକାରୀ ତଥ୍ୟ ଅନୁଯାୟୀ ୧୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ବାସ୍ତବ ସଂଖ୍ୟା ୩୨ରୁ ଅଧିକ ହୋଇଥିବା ସେମାନେ ଦାବି କରିଥିଲେ। ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ପ୍ରାୟ ୧.୩୨ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ତାହା ଶିକ୍ଷା ମନ୍ତ୍ରଣାଳୟର ବାର୍ଷିକ ବଜେଟ୍ ସହ ସମକକ୍ଷ ବୋଲି ଉଲ୍ଲେଖ କରିଥିଲେ। ଏନ୍‌ଟିଏ ବର୍ତ୍ତମାନ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପରିବର୍ତ୍ତେ 'ନ୍ୟାସନାଲ ଟ୍ରମା ଏଜେନ୍ସି'ରେ ପରିଣତ ହୋଇଯାଇଛି ବୋଲି କଟାକ୍ଷ କରି ବକ୍ତାମାନେ କହିଥିଲେ, ଦେଶକୁ ବଞ୍ଚାଇବାକୁ ହେଲେ ପ୍ରଥମେ ଶିକ୍ଷାକୁ ବଞ୍ଚାଇବା ଆବଶ୍ୟକ। ଏଥିପାଇଁ ବର୍ତ୍ତମାନର କେନ୍ଦ୍ର ସରକାରକୁ କ୍ଷମତାରୁ ହଟାଇବା ଦରକାର ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ନିଶିଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ପଣ୍ଡା, ଜିଲ୍ଲା ଅନୁସୂଚିତ ଜାତି ସେଲ୍ ଅଧ୍ୟକ୍ଷ ବିଧାନ ଜେନା, ଆଶିଷ ପଟ୍ଟନାୟକ, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ଯୋଗେଶ୍ୱର ବେହେରା, ଦେବଦତ୍ତ ଦାସ, ତରୁଣ ଦାସ, କୁମୁଦିନୀ ଦାସ, ପଶୁପତି ଉପାଧ୍ୟାୟ, କହ୍ନେଇ ବେହେରା ଓ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦିନିକିଆ

## ବାଲେଶ୍ୱର ଗସ୍ତ ଶାନ୍ତି କାନନରେ ବୃକ୍ଷରୋପଣ

**ବାଲେଶ୍ୱର,୨୭।୬ :** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଶୁକ୍ରବାର ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ସାଂଗଠନିକ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କ ସହ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଓ ରାଜ୍ୟ ସମ୍ପାଦକ ସରୋଜ କର ଉପସ୍ଥିତ ଥିଲେ। ସକାଳେ ସେମାନେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥଳୀ ଶାନ୍ତି କାନନ ପରିଦର୍ଶନ କରି ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଭିନ୍ନ ଫଳନ୍ତି ଓ ପୁଷ୍ପ ବୃକ୍ଷ ରୋପଣ କରି ଶାନ୍ତି କାନନର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ। ଏହାପରେ ବିଶେଷ ଗୃହ ସମ୍ପର୍କ ଅଭିଯାନ ଅବସରରେ ସଦର ଓ ରେମୁଣା ନିର୍ବାଚନମଣ୍ଡଳୀର କିଛି ବିଶିଷ୍ଟ ବ୍ୟକ୍ତିଙ୍କ ବାସଭବନକୁ ଯାଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ସେହି ସମୟରେ ସ୍ଥାନୀୟ ଲୋକଙ୍କ ମତାମତ ଓ ପରାମର୍ଶ ମଧ୍ୟ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର କୋର୍ କମିଟି ବୈଠକରେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ, ସାଂଗଠନିକ ସୁଦୃଢ଼ୀକରଣ ଓ ଦଳୀୟ କାର୍ଯ୍ୟକ୍ରମ ସମ୍ପ୍ରସାରଣ ଉପରେ ଆଲୋଚନା କରିଥିଲେ। ପରେ ବାଲେଶ୍ୱର ଓ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା କମିଟି ସହ ପୃଥକ୍ ବୈଠକ କରି କାର୍ଯ୍ୟକର୍ତ୍ତାମାନଙ୍କୁ ସଂଗଠନ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡସାହି ବିଧାୟକ ସନାତନ ବିଜୁଳିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ବର୍ଜନ କରି ଚଳିତ ବର୍ଷ ପୂର୍ବ ବହିରେ ପାଠ ପଢ଼ାଯାଉ

**ବ୍ରହ୍ମପୁର,୨୭।୬ :** ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତ ବର୍ଷ ବହିରେ ଶିକ୍ଷାଦାନ କରିବା, ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ମୂର୍ଖ କରିବା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂପୂର୍ଣ୍ଣ ବର୍ଜନ କରିବାକୁ ଆଜି ବ୍ରହ୍ମପୁର ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏଆଇଡିଏସଓ, ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଓଡ଼ିଶାର ସ୍ୱାଭିମାନୀ ଜନଗଣଙ୍କୁ ଆବେଦନ କରାଯାଇଛି । ଏହା ସହ ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରିତ ଅବୈଜ୍ଞାନିକ ପାଠ୍ୟକ୍ରମ ତଥା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, , ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ କଠୋର ଶାସ୍ତିଦେବା, ଜାତୀୟ ଶିକ୍ଷା ନୀତି -୨୦୨୦ ବାତିଲ କରିବା ପାଇଁ ଏଆଇଡିଏସଓ ଦାବି କରିଛି । ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଛନ୍ତି, ତାହା ଭୁଲରେ ଭର୍ତ୍ତି । ବର୍ତ୍ତମାନ ସୁଦ୍ଧା ୨୬୦୦ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ଧରାପଡ଼ି ସାରିଥିବା ବେଳେ ଏହି ନିରୀକ୍ଷଣ ପ୍ରକ୍ରିୟା ଜାରି ରହିଛି ଏବଂ ଆଗକୁ ଆହୁରି ହଜାର ହଜାର ଭୁଲ ବାହାରିବାର ସମ୍ଭାବନା ରହିଛି । ସବୁଠାରୁ ଉଦ୍ ?ବେଗଜନକ ବିଷୟ ହେଉଛି, କେବଳ ବନାନ ନୁହେଁ ବରଂ ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀ ସ୍ଥାନିତ କରାଯାଇଛି, ଯାହା ଶିକ୍ଷାର ମୂଳଦୁଆକୁ ସଂପୂର୍ଣ୍ଣ ଧ୍ୱଂସ କରିବ । ସରକାର ନିଜର ଭୁଲ୍ ଲୁଚାଇବାକୁ ଯାଇ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ 'ସଂଶୋଧନ ଦଲିଲ' ପ୍ରସ୍ତୁତ କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ୍ୟ ବ୍ୟାପକ ତ୍ରୁଟି ରହିଛି । ସଂଶୋଧନ ଦଲିଲରେ ଯେତିକି ଭୁଲ୍ ଦର୍ଶାଯାଇଛି ତା' ଠାରୁ ବହୁ ଅଧିକ ଭୁଲ୍ ସାମ୍ନାକୁ ଆସୁଛି । ଏହା ସରକାରୀ ବ୍ୟବସ୍ଥାର ଚରମ ଅପାରଗତାକୁ ଦର୍ଶାଉଛି । ଏହି ସଂଶୋଧନ ଦଲିଲ ଦେଇ ଶିକ୍ଷକମାନଙ୍କୁ ଅଧିକ ଚାପଗ୍ରସ୍ତ କରି ସରକାର ନିଜର ଦାୟିତ୍ୱରୁ ଓହରି ଯିବାର ପ୍ରୟାସ କରିଛନ୍ତି। ଏହାକୁ ମଧ୍ୟ ସଂଗଠନ ପକ୍ଷରୁ କଠୋର ଭାଷାରେ ନିନ୍ଦା କରାଯାଇଛି। ବର୍ତମାନ ଜୁଲାଇ ମାସ ହେବାକୁ ଯାଉଛି, ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି। ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଯୋଗୁଁ ବିଦ୍ୟାଳୟଗୁଡିକରେ ଏପର୍ଯ୍ୟନ୍ତ ପଢା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।




ଆଜି ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ସମସ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକକୁ ପ୍ରତ୍ୟାହାର କରାଯିବ କିନ୍ତୁ କେତେଦିନ ମଧ୍ୟରେ ତ୍ରୁଟିମୁକ୍ତ ପୁସ୍ତକ ଛାପି ପିଲାଙ୍କୁ ବଣ୍ଟନ କରାଯିବ ସେ ସମ୍ପର୍କରେ କୌଣସି ସୂଚନା ସେ ଦେଇନାହାନ୍ତି। ବାସ୍ତବରେ ଅଳ୍ପ ସମୟ ମଧ୍ୟରେ ଭୁଲ ସଂଶୋଧନ କରି ବୈଜ୍ଞାନିକ ପାଠ୍ୟକ୍ରମ ସମ୍ବଳିତ ପୁସ୍ତକ ପ୍ରଦାନ କରିବା ଚଳିତ ବର୍ଷ ସମ୍ଭବ ନୁହେଁ। ତେଣୁ ଚଳିତ ବର୍ଷ ସେହି ପୂର୍ବ ବହିରେ ପାଠ ପଢା ଆରମ୍ଭ କରିବା ଉଚିତ ହେବ ।ଅନ୍ୟଦିଗରେ ସରକାରୀ ପାଠ୍ୟ ପୁସ୍ତକ ମୁଦ୍ରଣ ସଂସ୍ଥା ଓ ସରକାରୀ ମୁଦ୍ରଣ ସଂସ୍ଥା ଥିବା ସତ୍ତ୍ୱେ ଘରୋଇ ସଂସ୍ଥାକୁ ପାଠ୍ୟ ପୁସ୍ତକ ମୁଦ୍ରଣ ପାଇଁ ଦିଆଯାଇଛି। ଏଥିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଆଇଡିଏସଓ ପକ୍ଷରୁ ବାରମ୍ବାର ସତର୍କ କରାଇ ଦିଆଯାଇଥିଲା ଯେ ଜାତୀୟ ଶିକ୍ଷା ନୀତି-୨୦୨୦ ହେଉଛି ଏକ ଶିକ୍ଷା ଧ୍ୱଂସକାରୀ ନୀତି । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାଂପ୍ରଦାୟୀକରଣ, ଧନ୍ଦାମୁଖୀକରଣ ଓ କେନ୍ଦ୍ରୀକରଣ । ଆଜି ସମଗ୍ର ଭାରତବର୍ଷ ତଥା ଆମ ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର ଏହି ନୀତିକୁ ଲାଗୁ କରି ସରକାରୀ ଶିକ୍ଷା ବ୍ୟବସ୍ଥାର ସଂପୂର୍ଣ୍ଣ ବିନାଶ ପାଇଁ ବାଟ ଫିଟାଇଛନ୍ତି । ଗୋଟାଏ ଦିଗରେ ସରକାରୀ ସ୍କୁଲ ବନ୍ଦ କରୁଛନ୍ତି, ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି ଅନ୍ୟ ଦିଗରେ ଏଭଳି ଅବୈଜ୍ଞାନିକ ପାଠ୍ୟକ୍ରମ ଭିତ୍ତିକ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ କରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ ପୁରାପୁରି ରୁଗ୍ ?ଣ କରୁଛନ୍ତି । ଯେଉଁ ବୟସରେ ଏକ ଛାତ୍ରର ବୌଦ୍ଧିକ ଓ ମୌଳିକ ବିକାଶ ଆରମ୍ଭ ହୁଏ, ସେହି ବୟସରେ ସେମାନଙ୍କ ମସ୍ତିଷ୍କରେ ମନଗଢ଼ା ଓ ଅଯୌକ୍ତିକ ବିଷୟ ପୂରାଇ ସେମାନଙ୍କୁ କୂପମଣ୍ଡୁକ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati     Executive Editor : Satyajit Mohapatra     Managing Editor : Jitendra Ku. Pati